## ସଂକ୍ଷେପରେ

### ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିରେ ନିଆଁ ଲଗାଇବା ଘଟଣା

# ଫେରାର ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୨୭।୪:** କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ବାଲିପଡ଼ାରେ ଥିବା ଏକ ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିରେ ନିଆଁ ଲଗାଇଥିବା ଘଟଣାରେ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଗୋଲକ ତ୍ରିପାଠୀ (୪୨) ଓ ତାଙ୍କ ଘର ପାଟପୁର ବୋଲି ପୋଲିସ କହିଛି। ନଂ. ୯୯/୧୯ ଅନୁଯାୟୀ ଗୋଲକଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ବ୍ୟାଙ୍କ କଲୋନୀରେ ରହୁଥିବା ହୃଷୀକେଶ ପାତ୍ର ବାଲିପଡ଼ାରେ ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରି କରିଛନ୍ତି। ଗତ ୮ ତାରିଖ ରାତିରେ ଉକ୍ତ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟିଥିଲା। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଅଗ୍ନିଶମ କର୍ମଚାରୀ ଖବର ପାଇ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତଦନ୍ତ ବେଳେ ଫ୍ୟାକ୍ଟ୍ରିରେ କେହି ନିଆଁ ଲଗାଇ ଦେଇଥିବା ଜଣାପଡ଼ିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ବେଳେ ପୋଲିସ ଗୋଲକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ସେ ପୂର୍ବରୁ ଉକ୍ତ ଫ୍ୟାକ୍ଟ୍ରିରେ କାମ କରୁଥିବା ବେଳେ ମାଲିକ କିଛିଦିନ ତଳେ ତାଙ୍କୁ କାମରୁ ନିଲମ୍ବିତ କରିଥିଲେ। ସେ ପ୍ରତିଶୋଧ ପରାୟଣ ହୋଇ ଉକ୍ତ ଫ୍ୟାକ୍ଟ୍ରିରେ ନିଆଁ ଲଗାଇ ଦେଇଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି ।

# ଅସହାୟଙ୍କୁ ମିଳିଲା ଚିକିତ୍ସା ସେବା



**ବ୍ରହ୍ମପୁର ଅଫିସ୍,୨୭।୪:** କବେ ରାସ୍ତା କଡ଼ରେ ତ କେବେ ବଜାରରେ। କେବେ ପୁଣି କୌଣସି ଏକ ସରକାରୀ କୋଠା ପାଖରେ କିମ୍ବା ଓଭରବ୍ରିଜ୍ ତଳେ। ଏଣେତେଣେ ବୁଲୁଥିବା ଅସହାୟଙ୍କ ସେବା ପାଇଁ ଆଗକୁ ଆସିଛି ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶା (ଜେଜେଜିଓ)। ସେମାନଙ୍କ ଦାଢ଼ି, ଚୁଟି, ନଖ କାଟିବା ସହ ଖାଦ୍ୟ ଦିଆଯାଉଛି, ଚିକିତ୍ସିତ କରାଯାଉଛି। ଗୋଇଲୁଣ୍ଡି ଓଭରବ୍ରିଜ ପାଖରେ ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ଶନିବାର ଚିକିତ୍ସା ଯୋଗାଇ ଦିଆଯାଇଛି । ଜେଜେଜିଓର ସଦସ୍ୟମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିଷୟରେ ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କୁ ଅବଗତ କରିଥିଲେ। ଉପଜିଲାପାଳ ରାଉତରାୟ ଏ ନେଇ ବଡ଼ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଶନିବାର ଚିକିତ୍ସା କରାଯାଇଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


ଗାନ୍ଧୀନଗରର ୧୦୮ ହନୁମାନ ବେଶ ।


ମାନସିକଧାରୀ ଶିଶୁଙ୍କ କେଳାବେଶ।


ମାନସିକଧାରୀଙ୍କ ରାବଣ, ରାକ୍ଷସ ବେଶ ।

# ସାହି ପରିକ୍ରମା ଶେଷ, ବିଶ୍ରାମ ନେଲେ ମା'

**ବ୍ରହ୍ମପୁର ଅଫିସ,୨୭।୪**

ବୁଢ୍ରୀ ଠାକୁରାଣୀ ଯାତ୍ରା ଆଉ ଦିନକ ପରେ ଶେଷ ହେବ । ସୋମବାର ବାପ ଘର ଲୀଳା ସମାପ୍ତ କରି ନିଜସ୍ୱ ମନ୍ଦିରକୁ ବାହୁଡିବେ ମା' ବୁଢ୍ରୀ ଠାକୁରାଣୀ । ତେଣୁ ପରମ୍ପରା ଅନୁସାରେ ଶୁକ୍ରବାର ମା'ଙ୍କ ସାହି ପରିକ୍ରମା ଶେଷ ହୋଇଛି । ଶନିବାର ଅସ୍ଥାୟୀ ପୀଠରେ ବିଶ୍ରାମ ନେଇଛନ୍ତି ମା' ବୁଢ୍ରୀ ଠାକୁରାଣୀ । ଫଳରେ ମା'ଙ୍କୁ ଶେଷ ପର୍ଯ୍ୟାୟରେ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମୁଛି । ମାନସିକ ବେଶଧାରୀଙ୍କ ଭିଡ ସମେତ ବାଦ୍ୟ ବାଜଣା, ମହିଳାଙ୍କ ହୁଳହୁଳି ନାଦରେ ଏବେ କମ୍ପୁଛି ଦେଶୀ ବେହେରା ସାହି।


ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ।

ମା'ଙ୍କ ଦ୍ୱିବାର୍ଷିକ ଯାତ୍ରା ଶନିବାର ୨୯ ଦିନରେ ପହଞ୍ଚିଛି । ଯାତ୍ରା ଆଉ ଦିନକ ପରେ ଶେଷ ହେବାକୁ ଥିବାରୁ ଜିଲା ତଥା ରାଜ୍ୟ ବାହାରୁ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ପରମ୍ପରା ଅନୁସାରେ ଶୁକ୍ରବାର ସୁଧା ମା'ଙ୍କ ଘଟ ୧୧୬ ସାହି ପରିକ୍ରମା କରିଥିବା ବେଳେ ଶନିବାର ବାପଘର ସମ୍ମୁଖରେ ନିର୍ମିତ ଅସ୍ଥାୟୀ ପୀଠରେ ବିଶ୍ରାମ ନେଇଛନ୍ତି ମା'। ଦିନ ତମାମ ମା' ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ତେବେ ସନ୍ଧ୍ୟାରେ ମା'ଙ୍କ ସାହି ପରିକ୍ରମା ବନ୍ଦ ରହିଥିବା ବେଳେ ପରମ୍ପରା ଅନୁସାରେ ମା'ଙ୍କ ଘଟ ଅସ୍ଥାୟୀ ପୀଠରୁ ବାହାରି ଧର୍ମଝଣ୍ଡା ନିକଟକୁ ଯାଇ ପୁଣି ଅସ୍ଥାୟୀ ପୀଠକୁ ଫେରିଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ମା'ଙ୍କ ଦର୍ଶନ ପାଇଁ ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଲମ୍ବାଧାଡି ଲାଗି ରହିଥିଲା ।

ଅପରପକ୍ଷରେ ଯାତ୍ରା ଆଉ ଦିନକ ପରେ ଶେଷ ହେଉଥିବାରୁ ବଡବଜାର, ସାନବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳର ପ୍ରାୟ ୧୧୬ ସାହି ଏବେ ଉତ୍ସବମୁଖର ହୋଇଉଠିଛି । ଯାତ୍ରା ଦାଣ୍ଡକୁ ଓହ୍ଲାଇଥିବା ୨୫ ରଥ, ୪୭ କଳାକୁଞ୍ଜ ପର୍ଯ୍ୟଟକଙ୍କ ମନ କିଣୁଛି । ଆକର୍ଷଣୀୟ ଆଲୋକ ମାଳା ସାଙ୍ଗକୁ ସାହି କମିଟି, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣା, ଭୋଗ ଓ ବିଭିନ୍ନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଉଛି । ଫଳରେ ସାହି ସାହିରେ ଭୋଗ, ପଣା ପିଇବାକୁ ଏବେ ଲମ୍ବାଧାଡି ଦେଖିବାକୁ ମିଳୁଛି । ଏହାବ୍ୟତୀତ ଯାତ୍ରାକୁ ଅଧିକ ଆକର୍ଷଣୀୟ ତଥା ମନୋରଞ୍ଜନ କରିବାକୁ ବିଭିନ୍ନ ସାହି ପକ୍ଷରୁ ଭିନ୍ନଭିନ୍ନ ବେଶଧାରୀ ଏବେ ଯାତ୍ରା ଦାଣ୍ଡକୁ ଓହ୍ଲାଉଛନ୍ତି । ଚାଙ୍ଗୁବାଦ୍ୟର ତାଳେ ତାଳେ ମଣିଷ ବାଘ ବେଶଧାରୀ ସାହି ସାହି ବୁଲି ମନୋରଞ୍ଜନ କରଛି । ବିଭିନ୍ନ ସାହି ପକ୍ଷରୁ ମଧ୍ୟ ଦଳଗତ ବେଶ ଶୋଭାଯାତ୍ରା ଆୟୋଜିତ ହୋଇଛି।




ପୂର୍ବରୁ ବିଜିପୁର ଲଣ୍ଡାବେଶ, ତୁଳସୀନଗରର ହନୁମାନ ଓ ବାଘ ବେଶ ଦଳ ଯାତ୍ରା ସ୍ଥଳରେ ଚହଲ ସୃଷ୍ଟି କରିଥିବ । ବେଳେ ଶନିବାର ଯାତ୍ରା ମଇଦାନକୁ ଓହ୍ଲାଇଥିଲେ ଗାନ୍ଧୀନଗରର ବହୁ ପ୍ରାଚୀନ ୧୦୮ ହନୁମାନ ବେଶ । ଚଳିତ ବର୍ଷ ୧୪ ଥର ପାଇଁ ବାହାରିଥିବା ଏହି ବେଶରେ ୩ ବର୍ଷରୁ ୬୦ ବର୍ଷ ବୟସର ଆବାଳ ବୃଦ୍ଧ ବନିତା ରାମ, ଲକ୍ଷ୍ମଣ, ସୀତା, ରାବଣ ସହ ହନୁମାନ ବେଶ ଧାରଣ କରି ପଟୁଆରରେ ବାହାରିଥିଲେ । ୧୫୦ ବେଶଧାରୀଙ୍କୁ ନେଇ ବାହାରିଥିବା ଏହି ଶୋଭାଯାତ୍ରା ସନ୍ଧ୍ୟାରେ ଗାନ୍ଧୀନଗରରୁ ଅସ୍ଥାୟୀ ପୀଠକୁ ଯାଇଥିଲା । ବାଦ୍ୟ, ବାଜଣା ଓ ବେଶଧାରୀଙ୍କ ନୃତ୍ୟ ଓ ଜୟ ଶ୍ରୀରାମ ଧ୍ୱନିରେ ମା'ଙ୍କ ଅସ୍ଥାୟୀ ପୀଠ ସମେତ ସମଗ୍ର ସହର ପ୍ରକମ୍ପିତ ହୋଇଉଠିଥିଲା। ଗାନ୍ଧୀନଗରର ୧୦୮ ହନୁମାନ କମିଟି ପକ୍ଷରୁ ଆୟୋଜିତ ଏହି ବେଶ ଯାତ୍ରା ମାହୋଲକୁ ଦ୍ୱିଗୁଣିତ କରିଥିଲା ।

## ମିନାବଜାର: ସେମାନେ ଯାହା କୁହନ୍ତି



ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଦେଖିବାକୁ ମୁଁ ପରିବାର ସହ ବ୍ରହ୍ମପୁର ଆସିଛି। ଶନିବାର ସକାଳେ ବ୍ରହ୍ମପୁରରେ ପହଞ୍ଚିଥିଲି। ସନ୍ଧ୍ୟାରେ ମା'ଙ୍କ ଦର୍ଶନ ସାରି ଏସ୍ଏସ୍ଭିଟି ସିନେମା ହଲ ପଡ଼ିଆର ଚାଲିଥିବା ମିନାବଜାର ଦେଖିବା ପାଇଁ ପହଞ୍ଚିଥିଲି । ସଂକୀର୍ଣ୍ଣ ଜାଗାରେ ମିନା ବଜାର ଚାଲିଥିବାରୁ ଲୋକଙ୍କ ଭିଡ଼ରେ ମୁଁ ଓ ମୋ ଝିଅପୁଅ କିଛି ସମୟ ପାଇଁ ଅଣନିଃଶ୍ୱାସୀ ହୋଇଯାଇଥିଲୁ। ପ୍ରାଣ ବିକଳରେ ଆମେ ସେଠାରୁ ଚାଲି ଆସିଲୁ । ସେଠାରେ ସୁରକ୍ଷା ବ୍ୟବସ୍ଥା ଆଦୌ ନାହିଁ ।

**-ମିନତୀ ଶତପଥୀ, ପାରଳାଖେମୁଣ୍ଡି**



ସ୍ୱାମୀଙ୍କ ସହ ଶୁକ୍ରବାର ଅପରାହ୍ନରେ ଠାକୁରାଣୀ ଯାତ୍ରା ଦେଖିବାକୁ ଆସିଥିଲୁ । ସନ୍ଧ୍ୟାରେ ମା'ଙ୍କ ଦର୍ଶନ ସାରି ଜଣେ ବନ୍ଧୁଙ୍କ ଘରେ ରହିଥିଲୁ । ଶନିବାର ଯାତ୍ରା ବୁଲି ଦେଖିବା ପାଇଁ ବାହାରି ରୁକ୍ମଣୀ ସିନେମା ହଲ ପାର୍ଶ୍ୱରେ ଚାଲିଥିବା ମିନାବଜାର ଦେଖିବା ପାଇଁ ଯାଇଥିଲୁ। ପ୍ରବଳ ଭିଡ଼ ଯୋଗୁ ସେଠାରେ ଠେଲାପେଲା ହୋଇଥିଲା। ମହିଳାମାନଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ । କେତେକ ଅସାମାଜିକ ଯୁବକ ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି । ଭିଡ଼ ଅଞ୍ଚଳରେ ପୋଲିସର ଦେଖା ମିଳୁନାହିଁ ।

**-ତୁଳସା ବେହେରା, ଆସିକା**



କୁକୁଡ଼ାଖଣ୍ଡି ବ୍ଲକ ଲାଠି ଗ୍ରାମରେ ମୁଁ ରହୁଛି । ଶନିବାର ସନ୍ଧ୍ୟାରେ ମା'ଙ୍କ ଦର୍ଶନ ସାରି ଯାତ୍ରା ବୁଲି ବାହାରିଥିଲି । ଟାଉନ ଥାନା ନିକଟ ଏସ୍ଏସ୍ଭିଟି ସିନେମା ହଲ ରାସ୍ତା ସମ୍ପୂର୍ଣ୍ଣ ଜାମ ଥିଲା । ଏଭଳି ଟ୍ରାଫିକ ସମସ୍ୟା ଦେଖି ମୁଁ ଗାଡ଼ି ପାର୍କିଂ କରିବାକୁ ଯିବା ବେଳେ କେତେକ ଅସାମାଜିକ ଯୁବକ ସେଠାରେ ବେଆଇନ ପାର୍କିଂ କରି ମନଇଚ୍ଛା ଟଙ୍କା ମାଗିଥିଲେ । ମୁଁ ଏତେ ଟଙ୍କା ଦାବି କଲେ ଦେଇପାରିବି ନାହିଁ ବୋଲି କହିବାରୁ ମୋର ଗାଡ଼ିକୁ ଜବରଦସ୍ତ ରାସ୍ତା ଉପରକୁ ବାହାର କରିଦେଲେ। ନିକଟରେ ଦୁଇଜଣ କନଷ୍ଟେବଳ ଠିଆ ହୋଇଥିଲେ। ଏନେଇ ସେମାନଙ୍କୁ କହିବାରୁ ସେମାନେ ମଧ କର୍ଣ୍ଣପାତ କରି ନ ଥିଲେ ।

**- ଟୁନା ଗୌଡ଼, ଲାଠି**



ସନ୍ଧ୍ୟା ବେଳେ ଟାଉନ ଥାନା ଦେଇ ଯାଉଥିବା ରାସ୍ତା ଓ ବିଜୁ ପଟ୍ଟନାୟକ ପାର୍କ ରାସ୍ତା ଦେଇ ଯିବା କଷ୍ଟକର ହୋଇପଡୁଛି। ଏପରିକି ୪୦୦ ମିଟର ରାସ୍ତା ଅତିକ୍ରମ ବଦଳରେ ୨ କି.ମି. ବୁଲି ଯିବାକୁ ପଡୁଛି । ନା ପୋଲିସ ନା କୌଣସି ପ୍ରଶାସନିକ ଅଧିକାରୀଙ୍କର ଏଥିପ୍ରତି ଦୃଷ୍ଟି ପଡୁଛି। ମିନା ବଜାର ଯୋଗୁ ଏଭଳି ସମସ୍ୟା ଦେଖାଦେଉଛି ।

**-ନାରାୟଣ ପଣ୍ଡା, ବରିଷ୍ଠ ଆଇନଜୀବୀ**

### ଠାକୁରାଣୀ ଯାତ୍ରା ସରିବାକୁ ରହିଲା ଦୁଇଦିନ

# ଅସୁରକ୍ଷିତ ଅବସ୍ଥାରେ ମିନାବଜାର

**ବ୍ରହ୍ମପୁର ଅଫିସ,୨୭।୪**

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ସରିବାକୁ ଦୁଇଦିନ ବାକି ରହିଛି। ଦେଶୀ ବେହେରା ସାହିସ୍ଥିତ ମା'ଙ୍କ ଅସ୍ଥାୟୀ ମଣ୍ଡପ, ସାନବଜାର, ବଡ଼ବଜାର, ଗିରି ମାର୍କେଟ, ସବ୍ରେଜିଷ୍ଟ୍ରାର ଅଫିସ, ରାମଲିଙ୍ଗମ୍ ଟ୍ୟାଙ୍କ ରୋଡ, ସତ୍ୟ ନାରାୟଣ ମନ୍ଦିର ରାସ୍ତା, ଅନ୍ନପୂର୍ଣ୍ଣା ମାର୍କେଟ, ଗୌତମ ସିନେମା ହଲ ରାସ୍ତା, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ରାସ୍ତା ପ୍ରଭୃତିରେ ସନ୍ଧ୍ୟା ହେବା କ୍ଷଣି ଲୋକାରଣ୍ୟ ହୋଇପଡୁଛି। ମିନା ବଜାରଗୁଡ଼ିକ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ରହିଛି। ଭିଡ଼ ଫାଇଦା ନେବାକୁ ଯାଇ ଅସାମାଜିକ ଯୁବକମାନେ ଗଣ୍ଡଗୋଳ ଘଟାଉଛନ୍ତି।

ଯାତ୍ରା ବେଳେ ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଲୋକଙ୍କ ଧନଜୀବନ ସୁରକ୍ଷା ଦେବାରେ ପୋଲିସ ଏକପ୍ରକାର ବିଫଳ ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପାଇଥିବା କହି ମିନା ବଜାର ସଂସ୍ଥା ମାଲିକମାନେ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଟ୍ରାଫିକ ସମସ୍ୟା ଓ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ମିନା ବଜାରଗୁଡ଼ିକ ସହର ବାହାରେ ଖୋଲାଯିବା କଥା । ହେଲେ ସେହି ନିୟମ ଏଠାରେ ଲାଗୁ ହେଉନାହିଁ। ମିନା ବଜାର ପରିସରରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଅନ୍ୟପଟେ ବିଦ୍ୟୁତ୍ ସଂଯୋଗ ନିୟମ ମୁତାବକ ହୋଇ ନ ଥିବା ଅଭିଯୋଗ ହେଉଛି। ମିନା ବଜାରକୁ ଆସୁଥିବା ଲୋକମାନେ ପାର୍କିଂ ସୁବିଧା ନ ପାଇ ରାସ୍ତା କଡ଼ରେ ଗାଡ଼ି ରଖୁଛନ୍ତି। ଫଳରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ରାସ୍ତା ପୂରା ଜାମ୍ ରହୁଛି। ଏନେଇ ଅଭିଯୋଗ କଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। କେତେକ ଅସାମାଜିକ ବ୍ୟକ୍ତି ପୋଲିସକୁ ହାତ କରି ରାସ୍ତା କଡ଼ରୁ ପାର୍କିଂ ଆଳରେ ଚାନ୍ଦା ଆଦାୟ କରୁଛନ୍ତି। ଗୋଟିଏ ପଟେ ରାସ୍ତା ସଂକୀର୍ଣ୍ଣ ଥିବା ବେଳେ ଅନ୍ୟପଟେ ରାମଲିଙ୍ଗମ ପୋଖରୀ ରାସ୍ତା ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏଭଳି ସ୍ଥିତିରେ ଏହି ରାସ୍ତା କଡ଼ରେ ଯାନବାହନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସ୍ୱାଭାବିକ। ଟ୍ରାଫିକ ସମସ୍ୟା ଓ ଲୋକଙ୍କ ସୁରକ୍ଷାକୁ ନେଇ ବ୍ରହ୍ମପୁର ଏସ୍ଡିପିଓ ବିଷ୍ଣୁ ପ୍ରସାଦ ପତି କୁହନ୍ତି, ମିନା ବଜାର ପାଇଁ ଅନୁମତି ମିଳିଥିବା କଥା ସେ ଶୁଣିଛନ୍ତି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ପାଳନ ସହ ୩ୟ ଓ ୪ର୍ଥ ପର୍ଯ୍ୟାୟ ମତଦାନ ପାଇଁ ଜିଲାରୁ ୩୦୦ କନଷ୍ଟେବଳ ଓ ୫ ଥାନାଧିକାରୀ ପୁରୀ ଓ କେନ୍ଦ୍ରାପଡ଼ା ଅଞ୍ଚଳକୁ ଡ୍ୟୁଟିରେ ଯାଇଛନ୍ତି। ଆମ ପାଖରେ ଥିବା ଓଆର କନଷ୍ଟେବଳ ଓ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟରଙ୍କୁ ନେଇ ମା'ଙ୍କ ଯାତ୍ରାସ୍ଥଳ ଓ ଅନ୍ୟ ଅଞ୍ଚଳରେ ଦେଖା ଦେଉଥିବା ଟ୍ରାଫିକ ସମସ୍ୟାର ସମାଧାନ କରାଯାଉଛି। ମିନାବଜାର ଯୋଗୁ ଟ୍ରାଫିକ ସମସ୍ୟା ଯଦି ଗୁରୁତର ହେବ ତା'ହେଲେ ସେ ଦିଗରେ ବିକଳ୍ପ ପଦକ୍ଷେପ ସ୍ୱରୂପ ଏହାକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ। ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ପଣ୍ଡା କୁହନ୍ତି, ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ମିନା ବଜାର ସଂସ୍ଥା ମାଲିକମାନଙ୍କୁ ଅଗ୍ନି ନିର୍ବାପକ ବ୍ୟବସ୍ଥା କଡ଼ାକଡ଼ି ଭାବେ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ପରେ ଉପଜିଲାପାଳ ଦିଗନ୍ତ ରାଉତରାୟ କୁହନ୍ତି, ବ୍ରହ୍ମପୁରରେ ଖୋଲିଥିବା ତିନୋଟି ମିନା ବଜାରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଏକ ଟିମ୍ ଗଠନ କରାଯାଇଛି। ବ୍ରହ୍ମପୁର ତହସିଲଦାରଙ୍କ ନେତୃତ୍ୱରେ ଟିମ୍ ଯାଞ୍ଚ କରି ତା'ର ରିପୋର୍ଟ ଉପଜିଲାପାଳଙ୍କ ନିକଟରେ ଦାଖଲ କରିବ।


ମିନାବଜାର ପାଖରେ ହୋଇଥିବା ଭିଡ଼।

# ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲ ସଂଘର ଆନ୍ଦୋଳନ

**ବ୍ରହ୍ମପୁର ଅଫିସ,୨୭।୪**

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗଞ୍ଜାମ ଓକିଲ ସଂଘ ତରଫରୁ ଦୀର୍ଘଦିନ ହେଲା ଆନ୍ଦୋଳନ ହୋଇଆସୁଛି। ଏହି ଧାରାରେ ଶନିବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଓକିଲମାନେ ଶନିବାର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ବ୍ରହ୍ମପୁରରେ ତୁରନ୍ତ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ପ୍ରତି ମାସର ଶେଷ ୪ ଦିନ ଏଥିପାଇଁ ଗଞ୍ଜାମ ଓକିଲ ସଂଘ ତରଫରୁ କୋର୍ଟ କାର୍ଯ୍ୟ ବର୍ଜନ କରାଯାଉଛି। ଚଳିତ ମାସ ଶନିବାରଠାରୁ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆଇନଜୀବୀମାନେ କାର୍ଯ୍ୟ ବନ୍ଦ ରଖିବେ। ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ନେଇ ପାଲ୍ କମିଶନ ବସାଇଥିଲେ। ସେହି କମିଶନ ତା'ଙ୍କ ରିପୋର୍ଟ ଦେଇସାରିଛନ୍ତି। ହେଲେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ସରକାର କୌଣସି ଉଦ୍ୟମ କରୁ ନ ଥିବା ସଂଘ ଅଭିଯୋଗ କରିଛି। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ସଂଘ ତରଫରୁ ଅଭିଯୋଗ କରାଯାଇଛି। ଦକ୍ଷିଣ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସରକାର ଖୁବଶୀଘ୍ର ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସଂଘର କର୍ମକର୍ତ୍ତା ଦାବି କରିଛନ୍ତି। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ରବି ପାଣିଗ୍ରାହୀ, ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ପଣ୍ଡା, ଗଞ୍ଜାମ ଓକିଲ ସଂଘ ପୂର୍ବତନ ସମ୍ପାଦକ ପୀତବାସ ପଣ୍ଡା, ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ, ନିର୍ମଳ କୁମାର ସାହୁ, ପ୍ରଦୀପ ବେହେରା, ଅକ୍ଷୟ ପଟ୍ଟନାୟକ, ଝୁଲୁ ଆଚାର୍ଯ୍ୟ, ତରୁଣ ଗୌଡ଼, ସୁଦାମ ସାହୁ, ସୁରେନ୍ଦ୍ର ପଟ୍ଟନାୟକ ଓ ସନ୍ତୋଷ ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।



ଆନ୍ଦୋଳନରେ ସାମିଲ ହୋଇଥିବା ଆଇନଜୀବୀ ।

### ଗଞ୍ଜାମ ଜିଲା ୨୦୧୯ ନିର୍ବାଚନ: ଦଳବଦଳ ପ୍ରାର୍ଥୀଙ୍କ ବଢ଼ିଛି ଚିନ୍ତା

# ଫଳାଫଳ ନେଇ ଅଙ୍କ କଷୁଛନ୍ତି ନେତା

**ବ୍ରହ୍ମପୁର ଅଫିସ,୨୭।୪**

ଗଞ୍ଜାମ ଜିଲାରେ ୨୦୧୯ ସାଧାରଣ ନିର୍ବାଚନ ଦୁଇ ପର୍ଯ୍ୟାୟରେ ସରିଯାଇଛି। ଫଳାଫଳ ଘୋଷଣାକୁ ୨୫ ଦିନ ବାକି ରହିଛି। ଦଳ ବଦଳ କରି ମଇଦାନକୁ ଓହ୍ଲାଇଥିବା ଜିଲାର ୮ ପ୍ରାର୍ଥୀଙ୍କ ହାରଜିତ ନେଇ ଚିନ୍ତା ବଢ଼ିଯାଇଛି। ସେମାନେ ଟେନସନରେ ଅଛନ୍ତି ଏବଂ ସମର୍ଥକଙ୍କ ଗହଣରେ ବାରମ୍ବାର ଅଙ୍କ କଷୁଛନ୍ତି। ହେଭିୱେଟ ନେତା ଚନ୍ଦ୍ରଶେଖର ସାହୁ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତିରେ ଥିଲେ। ବ୍ରହ୍ମପୁର ପୌର ପରିଷଦର ଦୁଇଥର ନଗରପାଳ ହୋଇଥିଲେ । ୨୦୦୦ ବିଧାନସଭା ନିର୍ବାଚନରେ ତାଙ୍କୁ କଂଗ୍ରେସ ଟିକେଟ ନ ମିଳିବାରୁ ସେ ବ୍ରହ୍ମପୁର ସେଗ୍ମେଣ୍ଟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହେବା ସହ କଂଗ୍ରେସ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କୁ ଚିତପଟାଙ୍ଗ କରାଇବାରେ ସଫଳ ହୋଇଥିଲେ। ୨୦୦୪ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ଏବଂ ନିର୍ବାଚିତ ହେଲେ। ପ୍ରଥମ ଉପା ସରକାରରେ କେନ୍ଦ୍ରମନ୍ତ୍ରୀ ପଦ ପାଇଥିଲେ । ପରବର୍ତ୍ତୀ ୨୦୦୯ ଓ ୨୦୧୪ ନିର୍ବାଚନରେ ଲୋକ ସଭା ଆସନରୁ ଲଢ଼ି ଦୁଇଥର ପରାଜିତ ହୋଇଥିଲେ। ୨୦୧୮ ଏପ୍ରିଲରେ ସେ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଲେ । ୨୦୧୯ ନିର୍ବାଚନରେ ସେ ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଛନ୍ତି। ଦୁଇଥର ପରାସ୍ତ ହେବା ପରେ ଓ ଦଳ ବଦଳ କରି ଲଢ଼ିଥିବାରୁ ଫଳାଫଳ କ'ଣ ହେବ ସେନେଇ ତାଙ୍କ ସମର୍ଥକମାନେ ଅଙ୍କକଷା ଚଳାଇଛନ୍ତି ।

ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ୨୦୦୦ରୁ ୨୦୧୪ ମଧ୍ୟରେ ହୋଇଥିବା ୪ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ଲଗାତର ପରାସ୍ତ ହୋଇଥିବା ବିକ୍ରମ ପଣ୍ଡା ମଧ୍ୟ ଦଳରୁ ଇସ୍ତଫା ଦେଇ ଗତବର୍ଷ ବିଜେଡିରେ ସାମିଲ ହୋଇଥିଲେ । ଚଳିତ ବର୍ଷର ନିର୍ବାଚନରେ ବିକ୍ରମଙ୍କୁ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କରିଛି ବିଜେଡି। ପୂର୍ବରୁ ସେ ୪ ଥର ହାରି ପୁଣି ୫ମ ଥର ପାଇଁ ମଇଦାନକୁ ଆସିଥିବାରୁ ଫଳାଫଳ ନେଇ ଚିନ୍ତିତ ଥିବା ଲକ୍ଷ୍ୟ କରାଯାଇଛି। ତେବେ ଦଳ ଡ଼ିଆଁଙ୍କ ପ୍ରତି ରେଶମ ନଗରର ସଚେତନ ଭୋଟରମାନେ କିଭଳି ସମର୍ଥନ ଦେଇଥିବେ ସେନେଇ ରାଜନୈତିକ ମହଲ ଚର୍ଚ୍ଚା କରୁଛନ୍ତି। ସେହିପରି ଚିକିଟି ଆସନର ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା, ପୋଲସରା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଗୋକୁଳା ନନ୍ଦ ମଲିକ ୨୦୧୪ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଭୟ ଆସନର ବିଜେଡି ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇଥିଲେ । ଉଭୟ ଗୋକୁଳ ଓ ମନୋରଞ୍ଜନ ଭାଜପା ପ୍ରାର୍ଥୀ ଭାବେ ଲଢ଼େଇ କରିଛନ୍ତି । ୨୦୦୯ ନିର୍ବାଚନରେ ସୋରଡ଼ା ଆସନର କଂଗ୍ରେସ ପ୍ରାର୍ଥୀ ନୀଳମଣି ବିଶୋୟୀ ମଧ୍ୟ ଦଳରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇ ଚଳିତ ବର୍ଷର ନିର୍ବାଚନରେ ପଦ୍ମ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଅପରପକ୍ଷରେ ଆସିକା ସେଗମେଣ୍ଟରୁ ୩ ଥର ବିଜେଡି ବିଧାୟକ ହୋଇଥିବା ଦେବରାଜ ମହାନ୍ତି, ଜିଲା ଯୁବ ବିଜେଡିର ପୂର୍ବତନ ସଭାପତି ରଞ୍ଜନ ପଲେଇ ଓ ଛତ୍ରପୁର ଯୁବ ବିଜେଡି ନେତା ପ୍ରଶାନ୍ତ କର ଦଳରୁ ଡ଼ିଆଁ ମାରି ଏବେ ଯଥାକ୍ରମେ ଆସିକା, କବିସୂର୍ଯ୍ୟନଗର ଓ ଛତ୍ରପୁର ଆସନରୁ ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । ତେଣୁ ଦଳ ବଦଳ ପ୍ରାର୍ଥୀଙ୍କୁ ଭୋଟର କେତେଦୂର ସମର୍ଥନ କରିଛନ୍ତି ତାହା ମେ ୨୩ ଫଳାଫଳକୁ ସଚେତନ ମହଲ ଅପେକ୍ଷା କରିଛନ୍ତି ।

# ଶକ୍ତି ସଚିବଙ୍କ ନୋଡାଲ ଜିଲାରେ ବିଦ୍ୟୁତ୍ ସମସ୍ୟା

■ଲୋଭୋଲଟେଜ ସହ ଅଘୋଷିତ ବିଦ୍ୟୁତ କାଟ
■ନିମ୍ନମାନର ସୌଭାଗ୍ୟ ବିଦ୍ୟୁତୀକରଣ ଯୋଜନା

**ନବରଙ୍ଗପୁର, ୨୭।୪(ବି.ପ୍ର.)**

ଦିନକୁ ଦିନ ବଢୁଛି ତାତି । ନବରଙ୍ଗପୁରରେ ୪୦ଡିଗ୍ରୀ ଓ ଚନ୍ଦାହାଣ୍ଡିରେ ୪୨ ଡିଗ୍ରୀ ସେଲସିୟସ ତାପମାତ୍ରା ରହିଛି। ଏପରି ସ୍ଥିତିରେ ଜିଲାରେ ବିଦ୍ୟୁତ କାଟ ଓ ଲୋଭୋଲଟେଜ ସମସ୍ୟା ଲୋକଙ୍କୁ ଅତିଷ୍ଠ କରି ପକାଇଛି। ଝଡ ବର୍ଷା କିଛି ନ ଥାଇ ମଧ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ କରାଯାଉଛି। ନବରଙ୍ଗପୁର ଜିଲା ନୋଡାଲ ଅଧିକାରୀ ଭାବେ ଶକ୍ତି ସଚିବ ରହିଥିବା ବେଳେ ବିଦ୍ୟୁତକରଣ ଅବସ୍ଥା ଏଭଳି ରହିଛି।

ନବରଙ୍ଗପୁର ଜିଲାରେ ସୌଭାଗ୍ୟ ବିଦ୍ୟୁତକରଣ ଯୋଜନାରେ ପ୍ରତି ଘରକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି । ଉକ୍ତ ଘର ମାନଙ୍କରେ ଏଯାଏ ଆର୍ଥିଂ କରାଯାଇ ନାହିଁ । ନିମ୍ନମାନର କାର୍ଯ୍ୟ କରାଯାଇଛି ବୋଲି ହିତାଧିକାରୀ ଅଭିଯୋଗ କରୁଛନ୍ତି। ଅନ୍ୟ ପକ୍ଷରେ ଜିଲାରେ ଲୋଭୋଲଟେଜ ସମସ୍ୟା ବୃଦ୍ଧି ପାଇଛି । ଲୋଭୋଲଟେଜ ଲାଗି ଘରମାନଙ୍କରେ ପାଣି ମୋଟର, ପଙ୍ଖା, ଫ୍ରିଜ, କୁଲର ଆଦି କିଛି କାମ କରୁ ନାହିଁ । ଏହି ସମସ୍ୟା ଦୂର ପାଇଁ ସରକାର ବ୍ୟାପକ ଅନୁଦାନ ଯୋଗାଇଛନ୍ତି । ତେବେ ବିଭାଗୀୟ ସମନ୍ୱୟ ଅଭାବରୁ କାର୍ଯ୍ୟ ମନ୍ଥର ଓ ନିମ୍ନମାନର ହେଉଥିବା ଯୋଗୁ ଜନସାଧାରଣ ସମସ୍ୟା ଭୋଗୁଛନ୍ତି। ନବରଙ୍ଗପୁର ସହରରେ ଏହି ସମସ୍ୟା ପ୍ରାୟ ଏକ ବର୍ଷ ହେବ ସମାଧାନ ହୋଇ ପାରୁ ନାହିଁ । ସେହିପରି ଫାର୍ମ ହାଉସ ପାଇଁ ଚାଷୀ ବିଦ୍ୟୁତ ସଂଯୋଗ ଓ ଟ୍ରାନ୍ସଫର୍ମର ପାଇଁ ଆବେଦନ କରି ୮ ମାସ ଲେଖାଏଁ ବିତି ଗଲାଣି ବିଦ୍ୟୁତ ସଂଯୋଗ ହୋଇ ପାରୁ ନାହିଁ ବୋଲି କହିଛନ୍ତି । ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ମହାପାତ୍ରଙ୍କୁ ଲୋଭୋଲଟେଜ ସମସ୍ୟା ନେଇ ଅଭିଯୋଗ କଲେ ବିଦ୍ୟୁତ ତାର ଆସି ଯାଇଛି । ଟ୍ରାନ୍ସଫର୍ମର ଗୁଡିକ ବସିବ କହି ପ୍ରାୟ ବର୍ଷେ ହେବ ଦିନ ଗଡାଇ ଚାଲିଛନ୍ତି । ସେହିଭଳି ନିର୍ବାହୀ ଯନ୍ତ୍ରୀ ମାସକ ମଧ୍ୟରେ ୧୫ ଦିନ କାର୍ଯ୍ୟାଳୟରେ ରହୁ ନଥିବା ଅଭିଯୋଗ ହେଉଛି । ଶନିବାର ପୂର୍ବାହ୍ନ ୧୧ଟାରେ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟରେ ନଥିବା ବେଳେ ତାଙ୍କ ସହ ଯୋଗାଯୋଗ ହୋଇ ପାରିନଥିଲା । ଅନ୍ୟ ପକ୍ଷେ ଏସଡିଓଙ୍କ ସହ ଯୋଗାଯୋଗ ବେଳେ ସେ ମଧ କାର୍ଯ୍ୟାଳୟରେ ନ ଥିଲେ। ଏକ ବୈଠକ ଥିବାରୁ ସେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ଜଣାପଡିଥିଲା । ଶକ୍ତି ସଚିବଙ୍କ ନୋଡାଲ ଜିଲାରେ ଲୋଭୋଲଟେଜ ସମସ୍ୟା ଏବଂ ଚାଷୀଙ୍କ ପ୍ରତି ଗୁରୁତ୍ୱ ଦିଆନଯିବା ଭଳି ଅଭିଯୋଗ ହେଉଛି । ଏଭଳି ସମସ୍ୟାରେ ସାଧାରଣ ଲୋକ କାହାକୁ ଯାଇ ଅଭିଯୋଗ କରିବେ । କେବଳ ସହରର ଛକ ମାନଙ୍କରେ ବିଦ୍ୟୁତ କାଟ ଓ ଲୋଭୋଲଟେଜ ସମସ୍ୟା କଥା କହି ନିରବ ରହିବାକୁ ବାଧ ହେଉଛନ୍ତି । ଏହାର ଆଶୁ ସମାଧାନ ନହେଲେ କେତେବେଳେ ଯେ ଜନସାଧାରଣ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟାଳୟ ଘେରିବେ ସେଥିରେ ସନ୍ଦେହ ନାହିଁ।

## ସଂକ୍ଷେପରେ

### ଗାଡ଼ି ମୋଟର ଯାଞ୍ଚ ୧୨ ହଜାର ୧ଶହ ଟଙ୍କା ଜରିମାନା ଆଦାୟ

**ନବରଙ୍ଗପୁର,୨୭।୪(ଡି.ଏନ.ଏ.)-** ନବରଙ୍ଗପୁର ଇନ୍ଦ୍ରାବତୀ ପୋଲ ନିକଟରେ ଶୁକ୍ରବାର ଗାଡି ମୋଟର ଯାଞ୍ଚ କରାଯାଇଥିଲା । ନବରଙ୍ଗପୁର ଜେଏମଏଫସି ସୌମ୍ୟ ରଞ୍ଜନ ନାୟକଙ୍କ ଉପସ୍ଥିତିରେ ପୂର୍ବାହ୍ନ ସାଢେ ୯ଟାରୁ ୧୨ଟା ମଧରେ ୮୫ଟି ଗାଡି ମୋଟର ଯାଞ୍ଚ କରାଯାଇ ୧୨ ହଜାର ୧ଶହଟଙ୍କା ଆଦାୟ କରାଯାଇଥିଲା । ନବରଙ୍ଗପୁର ଥାନା ଅଧିକାରୀ ହିମାଂଶୁ ବେହେରା, ଏସ ଆଇ ଦିଲ୍ଲିପ ପ୍ରଧାନ, ଏଏସଆଇ ଅଶୋକ କୁମାର ଦେଓ, ଦେବଦତ୍ତ ମଲ୍ଲିକ, କନଷ୍ଟେବଳ ଅନିଲ ପୃଷ୍ଟି ପ୍ରମୁଖ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ ।

### ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ସନ୍ଦେହ

**ଭୋଗରାଇ,୨୭।୪(ଡି.ଏନ.ଏ.)-** ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧିନ ଗୁଣସାର୍ଥା ଗ୍ରାମର ନଳିନୀ ଖଣ୍ଡା (୩୨) ନାମକ ଜଣେ ଯୁବକ ଶନିବାର ଚାଷଜମିରେ ଧାନ କାଟୁ ଥିବା ବେଳେ ହଠାତ୍ ଅଚେତ୍ ହୋଇପଡ଼ିଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କମର୍ଦ୍ଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବଳାତ୍କାରୀଙ୍କୁ ୭ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୨୭।୪** ଏକ ବଳାତ୍କାର ମାମଲାର ବିଚାର କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ଜଜ୍ ପୋକ୍ସୋ ଅଦାଲତରେ ଜିଲା ଅତିରିକ୍ତ ଦୌରାଜଜ୍ କମ୍ ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ରେମୁଣା ଥାନା ଅଞ୍ଚଳର ଜଣେ ୧୨ବର୍ଷର ନାବାଳିକା ନିଜର ମାମୁ ଘରେ ରହି ପାଠ ପଢୁଥିଲେ। ଗତ ୨୦୧୩ ଫେବୃୟାରୀ ୫ ତାରିଖ ସନ୍ଧ୍ୟାରେ ପରିବାର ଲୋକେ ଚାଷ କାମରେ ଅନ୍ୟ ଜଣକ ଘରକୁ ବଳଦ ଆଣିବାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଅନୀଲ ମଲ୍ଲିକ (୧୯) ନାବାଳିକାର ମୁହଁରେ ଗାମୁଛା ବାନ୍ଧି ପଡ଼ିଶା ଘର କୁଟାପୁଞ୍ଜି ନିକଟକୁ ନେଇଯାଇ ବଳାତ୍କାର କରିଥିଲେ। ତାଙ୍କ ମାଇଁ ମାମୁଁ ଘରକୁ ଫେରି ନାବାଳିକାଙ୍କୁ ନ ପାଇବାରୁ ଖୋଜାଖୋଜି କରି କିଛି ସମୟ ପରେ କୁଟାପୁଞ୍ଜି ନିକଟରେ ନାବାଳିକା ଜଣକ କାନ୍ଦୁଥିବା ଶୁଣି ତାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ପ୍ରାଥମିକ ଚିକିତ୍ସା କରି ରେମୁଣା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ମୃତ

**ଖଇରା,୨୭।୪(ଡି.ଏନ.ଏ.)-**ଔପଦା ଥାନା ଅଧୀନ ଲୁଣିପଦା ଗ୍ରାମର ଝରଣା ଦାସ (୫୫) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଘରେ ଚତୁର୍ଥ ପ୍ରହର ନାମଯଜ୍ଞ ଚାଲିଥିବା ବେଳେ ବିଦ୍ୟୁତ ତାରରେ ହାତ ବାଜିଯିବାରୁ ସେ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଶ୍ୱହିନ୍ଦୁ ପରିଷଦ ଜିଲା କାର୍ଯ୍ୟକାରୀ ସଭାପତିଙ୍କ ବିୟୋଗରେ ଶୋକସଭା


ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ ।

**ନବରଙ୍ଗପୁର,୨୭।୪(ବି.ପ୍ର)**

ଦାରୁବନ୍ଧବାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମିଳନୀ କକ୍ଷଠାରେ ବିଶ୍ୱହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ବହିଦାରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ପରିବାର ପକ୍ଷରୁ ଆୟୋଜିତ ଏହି ଶୋକସଭାରେ ବହୁ କର୍ମକର୍ତ୍ତା ଯୋଗଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ପରିଷଦର ସଭାପତି ନାରାୟଣ ପଣ୍ଡା ସଭା ପରିଚାଳନା କରିଥିଲେ । ଆରଏସଏସର କ୍ଷେତ୍ରୀୟ ଗୋ-ସେବା ପ୍ରମୁଖ ସୁଭାଷ ଜୈନ, ବିଭାଗ କାର୍ଯ୍ୟବାହୀର ଶୁଶୀଲ ଜୈନ, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର. ଡାକ୍ତର ବିପିନ ବିହାରୀ ମିଶ୍ର, ବିଶ୍ୱ ହିନ୍ଦୁ ପରିଷଦର ଧର୍ମସେବା ପ୍ରମୁଖ ସର୍ବେଶ୍ୱର ତ୍ରିପାଠୀ ଯୋଗଦେଇଥିଲେ। ରାଷ୍ଟ୍ରବାଦୀ ବିଚାରଧାରାର ବ୍ୟକ୍ତି ରହି ସମାଜସେବାର ନିଜକୁ ସମର୍ପିତ କରିଥିଲେ । ଭବାନୀଙ୍କ ବିୟୋଗ ସଂଘ ପରିବାର ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ସହକାରୀ ପ୍ରଫେସର ଡଃ.ବିଜୟ କୁମାର ମିଶ୍ର, ଜିଲା ଶିଶୁମଙ୍ଗଳ କମିଟିର ଅଧକ୍ଷ ବିଜୟ କୁମାର ଚୌଧୁରୀ, ଭାଜପା ନେତା ଗୌରୀ ଶଙ୍କର ମାଝି, ଅବସରପ୍ରାପ୍ତ ଅଧାପକ ସୁରେନ୍ଦ୍ର କୁମାର ବିଷୋୟୀ , ରେଣୁକା ଆଚାର୍ଯ୍ୟ, ଗଣେଶ୍ୱର ଦାଶ, ପରିଷଦର ଜିଲା ସମ୍ପାଦକ ସୁନୀଲ ବେହେରା ପ୍ରମୁଖ ସ୍ୱର୍ଗତ ବହିଦାରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ତାଙ୍କର ବହୁ ସ୍ମୃତି ଓ କୃତୀକୁ ନେଇ ଏକ ସ୍ମରଣିକା ପ୍ରକାଶ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି ।

# ଟାଙ୍ଗିଆରେ ହାଣି ବୃଦ୍ଧଙ୍କୁ ହତ୍ୟା

**ଡାବୁଗାଁ,୨୭।୪(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ପରାଶୁବେଢା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅଜଣା ବ୍ୟକ୍ତିଙ୍କ ଟାଙ୍ଗିଆ ଚୋଟରେ ସୋନୁ ଭତ୍ରା (୬୦)ଙ୍କ ମୃତ୍ୟୁ ଘଟିଛି। ପରାଶୁବେଢା ଗ୍ରାମର ସୋନୁ ଶୁକ୍ରବାର ରାତିରେ ଖାଇସାରି ଘର ଅଗଣାରେ ଏକ ଖଟିଆ ପକାଇ ଶୋଇଥିଲେ । ବିଳମ୍ବିତ ରାତ୍ରିରେ କେହି ଜଣେ ଅଜଣା ବ୍ୟକ୍ତି ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ୨ ଚୋଟ ମାରି ହତ୍ୟା କରିଥଲେ । ଶନିବାର ସକାଳୁ ସୋନୁ ନଉଠିବାରୁ ତାଙ୍କ ବୋହୁ ନବୀନା ଭତ୍ରା ତାଙ୍କୁ ଉଠାଇବାକୁ ଯାଇଥିଲେ । ସୋନୁଙ୍କ ପାଖରେ ପହଞ୍ଚି ଦେଖିଥିଲେ ଯେ ତାଙ୍କ ମୁଣ୍ଡରେ ମାଡ ହୋଇଛି ଏବଂ ପାଖରେ ରକ୍ତ ପଡିଛି । ନବୀନା ଯାଇ ପରିବାର ଲୋକଙ୍କୁ କହିଥିଲେ। ଖବର ପାଇ ଡାବୁଗାଁ ଥାନା ଆଇଆଇସି ମୁନି ଆଚାରୀ, ସବଇନ୍ସପେକ୍ଟର ରଙ୍କନିଧି ସାହୁ ଓ ଫକୀର ମୋହନ ଖୁରା, ଏଏସଆଇ ଠଣ ସୁନ୍ଦର ପ୍ରଧାନ ପହଞ୍ଚି ମୃତଦେହ ଜବତ କରିଥିଲେ । ପରେ ଡଗ୍ସ୍କାଡ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଥିଲେ । ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ନାପା ହୃଦୟାନନ୍ଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ । ସୋନୁଙ୍କ ସାନ ଭାଇ ଧନର ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଥାନାରେ ନଂ ୫୪/୧୯ ରେ ଏକ ମାମଲା ରୁଜୁ କରାଯାଇଛି। ହତ୍ୟାର କାରଣ ଜଣାପଡିନାହିଁ । ତଦନ୍ତ ଚାଲିଛି ଶୀଘ୍ର ହତ୍ୟାକାରୀକୁ ଗିରଫ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ନାପା ହୃଦୟାନନ୍ଦ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ବରଫ କଳରୁ ଆମୋନିଆ ଗ୍ୟାସ୍ ଲିକ୍

**ଚାନ୍ଦବାଲି, ୨୭।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ମତ୍ସ୍ୟପୋତାଶ୍ରୟ ଅଧୀନରେ ଥିବା ଏକ ଘରୋଇ ବରଫ କଳରୁ ଶନିବାର ସନ୍ଧ୍ୟାରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ସୂଚନା ମିଳିଛି। ଏହା ଧାମରା ବଜାର ଓ ଗାଁକୁ ବ୍ୟାପିଥିବା ନେଇ କେତେକ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଧାମରା ବଜାରରେ ଅଧିକାଂଶ ଦୋକାନ ବନ୍ଦ ହୋଇଯାଇଥିଲା। ନିଃଶ୍ୱାସ ନେବାରେ କଷ୍ଟ ହେବା ଆଶଙ୍କାରେ ସ୍ଥାନୀୟ ଲୋକେ ଘରୁ ବାହାରି ଖୋଲାସ୍ଥାନକୁ ଚାଲିଯାଇଥିଲେ। ଖବର ପାଇ ଧାମରା ପୋଲିସ ଓ ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍‌ର ଭାଲ୍‌ଭ ବନ୍ଦ କରି ଦେଇଥିଲେ। ଗ୍ୟାସ୍ ଲିକ୍ ହେବାର ପ୍ରାୟ ୧ ଘଣ୍ଟା ମଧରେ ଏହାକୁ ନିୟନ୍ତ୍ରଣ କରାଯାଇଥିଲା। ଫଳରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାଯାଇଛି। ସୂଚନା ଅନୁସାରେ, ଧାମରା ବଜାର ଓ ଜାଗୁଲା ଗାଁ ମଧରେ ଜନବସତି ନିକଟରେ ରହିଛି ଏହି ବରଫ କଳ। ଶନିବାର ସନ୍ଧ୍ୟାରେ ବରଫ କଳର ଆମୋନିଆ ଗ୍ୟାସ୍ ଟାଙ୍କିର ଭାଲ୍‌ଭ କୌଣସି କାରଣରୁ ଫାଟି ଯାଇଥିଲା। ଫଳରେ ଗ୍ୟାସ୍ ଟାଙ୍କି ବାହାରକୁ ବାହାରି ଆସିଥିଲା।

# ନୂଆ ବସ୍‌ଷ୍ଟାଣ୍ଡ ଖାଲି, ରାସ୍ତାରୁ ଉଠାଯାଉଛି ଯାତ୍ରୀ

**ବସ ମାଲିକ ସଂଘ ସହ ଆଲୋଚନା ହେବ-ଜିଲାପାଳ**

**ଛତ୍ରପୁର, ୨୭।୪(ଡି.ଏନ.ଏ)**

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବାର ଅଢେଇ ବର୍ଷ ପରେ ବି ସେଠାକୁ ବସ ଯାଉନି । ଯଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ବସଷ୍ଟାଣ୍ଡର ଉଦ୍ଦେଶ୍ୟ ସାଧିତ ହୋଇପାରୁନି । ରାସ୍ତା ଉପରେ ବସ ଅଟକି ରହି ଯାତ୍ରୀଙ୍କୁ ଉଠାଉଛି । ସେହିପରି ରାସ୍ତାରେ ହିଁ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଉଛି। ଫଳରେ ଯାତ୍ରୀମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ପାଇଖାନା, ଆଶ୍ରୟସ୍ଥଳୀ ଦୂରର କଥା ପାଣି ଟୋପାଏ ପିଇବା ପାଇଁ ଅସୁବିଧା ଭୋଗୁଛନ୍ତି। ନିର୍ବାଚନ ପ୍ରକ୍ରିୟା ସରିବା ପରେ ବସ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ଡାକି ଏ ନେଇ ଆଲୋଚନା କରି ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

ଛତ୍ରପୁରଠାରେ ଏକ ନୂତନ ବସଷ୍ଟାଣ୍ଡ ପାଇଁ ବହୁ ଦାବି ପରେ ତତ୍କାଳୀନ ଜିଲାପାଳ କ୍ରିଷନ କୁମାରଙ୍କ ସମୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୬ କୋଟି ୪୪ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା । ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ଠିକାଦାର ଜରିଆରେ ନିର୍ମାଣ ଆରମ୍ଭ କରାଯାଇଥିଲା । ପରବର୍ତ୍ତୀ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀ ଏହାର ମନିଟରିଂ କରିବା ସହ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରୁଥିଲେ । ପରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପାଳନ ଅବସରରେ ୨୦୧୬ ନଭେମ୍ବର ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସଷ୍ଟାଣ୍ଡକୁ ଉଦଘାଟନ କରିଥିଲେ । ତେବେ ଉଦଘାଟନର ବର୍ଷକରୁ ଉର୍ଦ୍ଧ୍ୱ ସମୟ ପରେ ୨୦୧୮ରେ ବସଷ୍ଟାଣ୍ଡକୁ ତତ୍କାଳୀନ ଜିଲାପାଳ ଚୌଧୁରୀ କାର୍ଯ୍ୟକ୍ଷମ କରାଇଥିଲେ। ମାତ୍ର ବସଷ୍ଟାଣ୍ଡକୁ ପ୍ରବେଶ ପାଇଁ ଥିବା ଫି'କୁ ବିରୋଧ କରି ଘରୋଇ ବସଗୁଡିକ ବସଷ୍ଟାଣ୍ଡ ନ ଯାଇ ରାସ୍ତା ଉପରୁ ଯାତ୍ରୀ ଉଠାଇଥିଲେ । ଅନ୍ୟପକ୍ଷରେ ସିଟି ବସଗୁଡିକ ବସଷ୍ଟାଣ୍ଡକୁ ଯାଉଥିଲା। ବସ ମାଲିକ ସଂଘ ସହ ଆଲୋଚନା ପରେ ଫି'କୁ ପ୍ରଶାସନ କମାଇଥିଲା। ତଥାପି ମଧ କୌଣସି ବସ ଏପରିକି ସିଟି ବସ ମଧ ନୂଆ ବସଷ୍ଟାଣ୍ଡକୁ ଯାଉନି । ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ ଖେଳପଡିଆ-ପୋଲିସ ପଡିଆ ରାସ୍ତା ଉପରେ ବସ ଗୁଡିକ ପାର୍କିଂ ହେଉଛି । ଯାତ୍ରୀମାନଙ୍କୁ ଏଠାରୁ ନିଆଯାଉଛି । ଏବେ କିଛି ଦିନ ହେଲା କେତୋଟି ଘରୋଇ କ୍ୟାଣ୍ଟର ଅରବିନ୍ଦ ସ୍କୁଲ ପାର୍ଶ୍ୱରେ ପାର୍କିଂ କରି ଯାତ୍ରୀ ଉଠାଉଛନ୍ତି। ନୂଆ ବସଷ୍ଟାଣ୍ଡରେ ରାତିରେ ସିଟି ବସ୍‌ଗୁଡିକୁ ରଖାଯାଉଛି ।



ନୂତନ ବସଷ୍ଟାଣ୍ଡ ଖାଲି ପଡିଛି ।

# ସମୁଦ୍ର ତଟରେ ମୁକୁଳା ପଡ଼ିଛି ୱାଚ୍ ଟାୱାର

**ବାସୁଦେବପୁର, ୨୭।୪ (ଡି.ଏନ.ଏ.)**


ଚୂଡ଼ାମଣି ଘାଟସ୍ଥିତ ୱାଚ୍ ଟାୱାର ।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବଙ୍ଗୋପସାଗର ସଂଲଗ୍ନ ଥିବା ଏକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ। ଏହି ବ୍ଲକର ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ ୱାର୍ଡ। ସେଥିମଧ୍ୟରୁ ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଓ ପୌରପାଳିକାର ୨ ୱାର୍ଡ ସିଧାସଳଖ ବଙ୍ଗୋପସାଗରକୁ ଛୁଇଁଛି। ଧାମରାର ବୈତରଣୀ ମୁହାଣଠାରୁ ଚୂଡ଼ାମଣି ବନ୍ଦର ମୁହାଣ ଓ କାଂଶବାଂଶ ନଦୀର ପଢୁଁଆ ଜେଟି ମୁହାଣ ପର୍ଯ୍ୟନ୍ତ ସମୁଦ୍ର କୂଳବର୍ତ୍ତୀ ପଞ୍ଚାୟତଗୁଡ଼ିକର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ଜଳପଥରେ ଆତଙ୍କବାଦୀଙ୍କ ପ୍ରବେଶ ଓ ଆକ୍ରମଣର ଭୟ ତଟବର୍ତ୍ତୀ ଲୋକଙ୍କ ମନକୁ ସବୁବେଳେ ଆନ୍ଦୋଳିତ କରୁଛି। ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ଜଳପଥରେ ଆପରାଧିକ କାର୍ଯ୍ୟକଳାପକୁ ହ୍ରାସ କରିବା ଉଦ୍ଦେଶ୍ୟରେ ସମୁଦ୍ର ତଟରେ ଚୂଡ଼ାମଣି ଓ କଷିଆଠାରେ ନିର୍ମାଣ କରାଯାଇଥିବା ୱାଚ୍ ଟାୱାର ଦୀର୍ଘବର୍ଷ ଧରି ମୁକୁଳା ପଡ଼ିଛି। ଏହି ୱାଚ୍ ଟାୱାରରେ ଜଗିବା ପାଇଁ କୌଣସି ଯନ୍ତ୍ର କିମ୍ବା କର୍ମଚାରୀ ନାହାନ୍ତି। ୱାଚ୍ ଟାୱାରରେ ଏବେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଅସାମାଜିକ ଯୁବକମାନେ ନିରୋଳା ସ୍ଥାନ ପାଇ ଏଠାରେ ଆଡ୍ଡା ଜମାଉଛନ୍ତି। ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟ ସହିତ ନିଶା ସେବନ କରୁଥିବା ଅଭିଯୋଗ ହେଉଛି। ଫଳରେ ଉପକୂଳ ଲୋକଙ୍କ ସୁରକ୍ଷା ପାଇଁ ନିର୍ମିତ ୱାଚ୍ ଟାୱାର ତା'ର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟଠାରୁ ଦୂରେଇ ଯାଇଛି। ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଢିଲା ହୋଇପଡ଼ିଛି।

ଜଳପଥରେ ଅପରାଧ ରୋକିବା ଓ ତଟବର୍ତ୍ତୀ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ବାସୁଦେବପୁରରେ ଚୂଡ଼ାମଣି ଓ କଷିଆଠାରେ ସାମୁଦ୍ରିକ ଥାନା ପ୍ରତିଷ୍ଠା କରାଯାଇଥିବା ବେଳେ ତାହା ଉପରେ ଲୋକଙ୍କର ଭରସା ରହୁନି। ଏହି ଦୁଇ ଥାନା ନାମକୁ ମାତ୍ର ଚାଲିଛି। କଷିଆ ସାମୁଦ୍ରିକ ଥାନାର ସ୍ଥାୟୀ ଘର ନିର୍ମାଣ ହୋଇପାରି ନାହିଁ। ଅସ୍ଥାୟୀ ଭାବେ ଗତ ୩ ବର୍ଷ ଧରି ଏକ ଅର୍ଦ୍ଧଭଗ୍ନ ରେଡକ୍ରସ ଘରେ ଏହି ସାମୁଦ୍ରିକ ଥାନା କଷିଆ ସମୁଦ୍ର ତଟରେ ଚାଲୁଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଆନୁଷଙ୍ଗିକ ଅସ୍ତ୍ରଶସ୍ତ୍ର ମଧ ଏହି ଥାନାକୁ ଯୋଗାଇ ଦିଆଯାଉ ନାହିଁ। ଚୂଡ଼ାମଣି ସାମୁଦ୍ରିକ ଥାନାର ମଧ ଅନୁରୂପ ଅବସ୍ଥା। କର୍ମଚାରୀ ଅଭାବ ସହ ଏହି ଦୁଇ ଥାନାରେ ପାୱାରବୋଟ ନ ଥିବାରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଇପାରୁ ନାହିଁ। ଫଳରେ ଜଳପଥରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଚୂଡ଼ାମଣି ଓ କଷିଆ ସମୁଦ୍ର କୂଳରେ ୱାଚ୍ ଟାୱାର ମୁକୁଳା ପଡ଼ିଥିବାରୁ ତଟବର୍ତ୍ତୀ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ବୋଲି ସାମାଜିକ କର୍ମୀ ଚିନ୍ତାମଣି ଦାସ ମତପ୍ରକାଶ କରିଛନ୍ତି।


क्षेत्रीय शिक्षा संस्थान, भुवनेश्वर
**REGIONAL INSTITUTE OF EDUCATION, BHUBANESWAR**
(National Council of Educational Research and Training)
Sachivalaya Marg, Bhubaneswar-751022

**Admission Notice 2019-2020**

**Advt. No.357** **Date :26.04.2019**

The Regional Institute of Education (NCERT), Bhubaneswar will offer the following courses for the academic session 2019-2020.

**(1) Four-year B.Sc.B.Ed.**
**(2) Four-year B.A.B.Ed.**
**(3) Two-year B.Ed.**
**(4) Two-year M.Ed.**
**(5) M.Phil. in Education**

For admission to above courses online applications are invited from eligible applicants and RIE, Bhopal is the Nodal Centre for this admission. For details please visit the website **www.cee.ncert.gov.in.** For queries, if any, please contact 0755-2661467 or 0755-2661468 and email ID at **cee2019help@gmail.com.**

For admission to course (5) i.e. M.Phil. in Education, a separate notice will be issued soon by RIE, Bhubaneswar. The details will be available on our websites **www.riebbs.ac.in** & **www.riebbs.ori.nic.in.**

**PRINCIPAL**





## ସଂକ୍ଷେପରେ

### ହୀରାଖଣ୍ଡ ଟ୍ରେନ୍ ବିଳମ୍ବ: ଲୋକେ ହନ୍ତସନ୍ତ



ଟିକିରି, ୨୭।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ରେଳ ଷ୍ଟେଶନରେ ହୀରାଖଣ୍ଡ ଏକ୍ସପ୍ରେସ ବିଳମ୍ବରେ ପହଞ୍ଚିବାରୁ ଯାତ୍ରୀ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ। ଫଳରେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟ୍ରେନ ବିଳମ୍ବର କାରଣ ନେଇ ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରୁ 'ଦାମନଯୋଡି-ବାଇଗୁଡ଼ା ଷ୍ଟେଶନ ମଧ୍ୟରେ ଏକ ମାଲବାହୀ ଟ୍ରେନ ଖରାପ ହୋଇ ପଡିବାରୁ ହୀରାଖଣ୍ଡ ଆସିବାରେ ବିଳମ୍ବ ହେଉଛି ବୋଲି କହିଥିଲେ।

### ଦୁର୍ଘଟଣାରେ ବୃଦ୍ଧ ମୃତ

ଗୁଣପୁର,୨୭।୪(ଡି.ଏନ୍.ଏ.): ରାୟଗଡା ଜିଲା ରାମନାଗୁଡା ବ୍ଲକ ଗୁମୁଡା ନିକଟରେ ଶନିବାର ଘଟିଥିବା ଦୁର୍ଘଟଣାରେ ଜଣେ ବୃଦ୍ଧ ପ୍ରାଣ ହରାଇଥିବା ବେଳେ ଗାଡ଼ି ଡ୍ରାଇଭର ଆହତ ହୋଇଛନ୍ତି। ସେ ହେଲେ ରାୟଗଡ଼ାର ଠିକାଦାର ମଧୁସୂଦନ ସାହୁ(୬୮)। ପ୍ରକାଶ ଯେ, ମଧୁସୂଦନ ଶନିବାର ଭୋରରୁ ବ୍ରହ୍ମପୁରରୁ ରାୟଗଡା ଅଭିମୁଖେ ଯାଉଥିବାବେଳ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କୁ ଗୁଣପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି।

### ପିକ୍‌ଅପ ଭ୍ୟାନ ଦୁର୍ଘଟଣା:୧୪ ଆହତ

ଖପ୍ରାଖୋଲ, ୨୭।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ-ପାଟଣାଗଡ ରାସ୍ତାର କପସିପାଲି ଗାଁ ନିକଟରେ ଶନିବାର ଭାରସାମ୍ୟ ହରାଇ ଏକ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହେବାରେ ୧୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ କୋମନା ଗାଁର ମାଧବ ଘିବେଲା, କୃପାସିନ୍ଧୁ ସାହୁ ଓ ଜଗଦୀଶ ସାହୁ। ଅନ୍ୟ ୧୧ ଆହତଙ୍କୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି।

### ଠାକୁରାଣୀ ପର୍ବ ପାଇଁ ସହର ଉତ୍ସବମୁଖର



ଗୁଣପୁର,୨୭।୪(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ସହର ଷ୍ଟେଶନ ରୋଡ ମା' ଠାକୁରାଣୀଙ୍କ ପର୍ବଲାଗି ଉତ୍ସବ ମୁଖରିତ ହୋଇପଡିଛି। ମା'ଙ୍କ ଯାତ୍ରା ୫ ଦିନ ଧରି ଚାଲିବ। ଶୁକ୍ରବାର ସନ୍ଧ୍ୟାରେ ମା'ଙ୍କ ଘଟ ଅଣାଯାଇଥିଲା। ମା'ଙ୍କ ଘଟକୁ ପାରମ୍ପରିକ ବାଜାରେ ସହର ପରିକ୍ରମା କରାଯାଇ ମଣ୍ଡପରେ ବିରାଜମାନ କରାଯାଇଥିଲା। ଯାତ୍ରା ପାଇଁ ମଣ୍ଡପ ସ୍ଥାନକୁ ସୁନ୍ଦର ଆଲୋକମାଳାରେ ସଜା ଯାଇଛି। ଘଟ ଆଣିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

■ ଚନ୍ଦ୍ରପୁର ଆଇସିଡିଏସ୍ କାର୍ଯ୍ୟାଳୟ

# ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଚାଲିଛି ଅଫିସ କାମ

■ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ନାହାନ୍ତି ସିଡିପିଓ

■ଖାଲି ପଡିଛି ଦୁଇଟି କିରାଣି ପଦବୀ

ଚନ୍ଦ୍ରପୁର, ୨୭।୪(ଡି.ଏନ୍.ଏ.)




ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକସ୍ଥିତ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଆଜକୁ ଦୀର୍ଘ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ହେଲା ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଚାଲିଛି। ଜିଲାର ସମସ୍ତ ବ୍ଲକରେ ସମନ୍ୱିତ ଶିଶୁବିକାଶ ଯୋଜନା କାର୍ଯ୍ୟାଳୟ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଇ ସେଠାରେ ଅଫିସ କାମ ଚାଲିଛି। କିନ୍ତୁ ଚନ୍ଦ୍ରପୁର ଭଳି ପଛୁଆ ଅଞ୍ଚଳରେ ନା ଅଛି କାର୍ଯ୍ୟାଳୟ ଗୃହ ନା ଅଛନ୍ତି ସିଡିପିଓ ନା ଅଛନ୍ତି କିରାଣି ନା ଅଛନ୍ତି ପିଅନ। ଏଠାରେ ନାମକୁ ମାତ୍ର ମମତା ଯୋଜନାର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଅଫିସ ଖୋଲି କାମ ତୁଲାଇଥାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଠାରେ ଥିବା ସିଡିପିଓ ବର୍ଷେ ତଳୁ ବଦଳି ହୋଇ ଚାଲିଯିବା ପରେ ପ୍ରଶାସନ ପକ୍ଷରୁ ନୂତନ ଭାବେ କୌଣସି ସିଡିପିଓଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ବର୍ତ୍ତମାନ କାମଚଳା ପାଇଁ ମୁନିଗୁଡା ବ୍ଲକ ସିଡିପିଓ ଏହାର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଏଠାରେ ଥିବା ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁପରଭାଇଜର ଅଙ୍ଗନୱାଡି କର୍ମୀଙ୍କ ଦରମା ତଥା ଅନ୍ୟ ସୂଚନା ସମ୍ପର୍କୀୟ କାମ ପାଇଁ ବାଧ୍ୟ ହୋଇ ମୁନିଗୁଡା ସିଡିପିଓଙ୍କ ନିକଟକୁ ଯାଇଥାନ୍ତି। ଅଫିସ କାର୍ଯ୍ୟ ତଥା ପରିଦର୍ଶନ ପାଇଁ ସରକାରଙ୍କ ପକ୍ଷରୁ ଚାରିଚକିଆ ଯାନଟିଏ ମଧ୍ୟ ଯୋଗାଇ ଦିଆଯାଇ ନାହିଁ। ଏ ସମ୍ପର୍କରେ ସିଡିପିଓ କାର୍ଯ୍ୟାଳୟର ମମତା ଯୋଜନାର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଉମାକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଜଣେ କିରାଣି ସୁନିଲ ବିଡିକା ଥିବା ସମୟରେ ଅଫିସ କାମ ସୁରୁଖୁରୁରେ ଚାଲୁଥିଲା। ସେ ଏକ ବର୍ଷ ହେଲାଣି ପଦ୍ମପୁର ବ୍ଲକକୁ ବଦଳି ହେବାପରେ କେହି କିରାଣୀ ନାହାନ୍ତି। ବିନା କିରାଣି, ବିନା ପିଅନରେ ଅଫିସ ଜଗି ବସିଛୁ ବୋଲି ସେ କହିଛନ୍ତି। ଏହି ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଗୋଟିଏ ପାର୍ଶ୍ୱରେ ସିଡିପିଓ କାର୍ଯ୍ୟାଳୟ, ଅନ୍ୟ ପାର୍ଶ୍ୱରେ ଓଡିଶା ଜୀବିକା ମିଶନର ଅଫିସ ଚାଲିଛି। ଅତିଶୀଘ୍ର ଚନ୍ଦ୍ରପୁର ପାଇଁ ଜଣେ ସିଡିପିଓ, ଦୁଇଟି କିରାଣି ନିଯୁକ୍ତି ସହ ସ୍ୱତନ୍ତ୍ର ଭାବେ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଚନ୍ଦ୍ରପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭୀମ ଗଗେରେଙ୍ଗା ଦାବି କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ମଣ୍ଡଳପିତେଶ୍ରୁ, ପେଦାଗୁଡା ଗାଁରେ ବ୍ୟାପୁଛି ଝାଡ଼ାବାନ୍ତି

# ଗାଁରେ ଭ୍ରାମ୍ୟମାଣ ମେଡିକାଲ ଟିମ୍



ପେଦାଗୁଡ଼ା ଗାଁରେ ଡାକ୍ତରୀ ଦଳ।

■ଶନିବାର ପୁଣି ୫ଜଣ ଡାକ୍ତରଖାନାରେ ଭର୍ତ୍ତି

■ପୂର୍ବରୁ ୨୨ଜଣ ଚିକିତ୍ସିତ ହୋଇଥିଲେ

ଜେକେପୁର, ୨୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ଗାଡିଶେଷଖାଲ ପଞ୍ଚାୟତ ପେଦାଗୁଡା ଓ ମଣ୍ଡଳପିତେଶ୍ରୁ ଗ୍ରାମର ୨୨ଜଣ ଲୋକେ ଗତ ୨୩ ତାରିଖରେ ବିବାହ ଭୋଜି ଖାଇ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏଥିରେ ଗତ ୨୫ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୮ ବର୍ଷ ଶିଶୁ ପ୍ରାଣ ହରାଇଥିଲେ। ପୁଣି ଥରେ ଏଠାରେ ଝାଡାବାନ୍ତି ବ୍ୟାପିବାରୁ ଶନିବାର ୫ଜଣଙ୍କୁ ଡାକ୍ତରଥାନା ପଠାଯାଇଛି। ସେଠାରେ ଏକ ଭ୍ରାମ୍ୟମାଣ ଡାକ୍ତରୀ ଦଳଙ୍କୁ ମୁତୟନ କରାଯାଇଛି। ଶନିବାର କୋଲନରା ବ୍ଲକ ଏବିଡିଓ କେ.ଶିବ ଗୋପାଳ ରାଓଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିପିଏଚ୍‌ଓ(ଡିସି)ଡାକ୍ତର ମମତା ଚୌଧୁରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁଭଦର୍ଶନୀ ପଟ୍ଟନାୟକ ପ୍ରମୁଖ ମଣ୍ଡଳପିତେଶ୍ରୁ ଓ ପେଦାଗୁଡା ଗ୍ରାମ ପରିଦର୍ଶନ କରିଛନ୍ତି।

ଗତ ୨୩ ତାରିଖରେ ଏକ ବିବାହ ଭୋଜି ଖାଇ ଗାଁର ୧୭ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ୨୪ତାରିଖ ଦିନ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପୁଣି ଥରେ ସେହିପରି ୨୭ ତାରିଖରେ ମଣ୍ଡଳ ପିତେଶ୍ରୁ ଗ୍ରାମର କୁମୁଲୁ ପାଲକା(୪୦), ମୁକ୍ତା ପାଲକା (୩୫), ମୁନା ପାଲକା (୧୦), ପେଦାଗୁଡା ଗ୍ରାମର ଚରଣ ପାଲକା(୫) ଓ ସରୋଜ ପାଲକା(୨)ଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ଆଶାକର୍ମୀ ସୁଶିଳା କରକରିଆ କହିଛନ୍ତି। ତେବେ ଆକ୍ରାନ୍ତଙ୍କସଂଖ୍ୟା ବଢିବାର ସମ୍ଭାବନା ଥିବା ଅନୁମାନ କରାଯାଉଛି। ମୁନା ପାଲକା ପୂର୍ବରୁ ଚିକିତ୍ସିତ ହୋଇ ଫେରିଥିବାବେଳେ ପୁଣି ଥରେ ଅସୁସ୍ଥ ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଇଛି। ବାସୀଖାଦ୍ୟ ଯୋଗୁ ଝାଡାବାନ୍ତି ହେଉ ଥାଇପାରେ ବୋଲି ଡାକ୍ତର ଜି.ଶୈଳଜା କହିଛନ୍ତି। ତେବେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଝାଡାବାନ୍ତିରେ ଆକ୍ରାନ୍ତଙ୍କୁ ଠିକ୍ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ ନାହିଁ ଏବଂ ଆମ୍ବୁଲାନ୍ସ ମଧ୍ୟ ଠିକ୍ ସମୟରେ ଆସୁନି ବୋଲି ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି।

# ରାୟଗଡ଼ାରେ କ୍ୟାଣ୍ଡେଲ ଶୋଭାଯାତ୍ରା




ସେଞ୍ଚୁରିଆନ ୟୁନିଭରସିଟି ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ରାୟଗଡା ଅଫିସ୍, ୨୭।୪

ଶ୍ରୀଲଙ୍କା ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ବିଦେଶୀ ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଶନିବାର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।ସେଞ୍ଚୁରିଆନ ୟୁନିଭରସିଟି ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରାଟି ରାୟଗଡା ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ଗଜପତି ଛକ ନିକଟରେ ସମାପ୍ତ ହୋଇଥିଲା। ଏଥିରେ ସେଞ୍ଚୁରିଆନ ୟୁନିଭରସିଟି ଆଞ୍ଚଳିକ ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ ତଥା ସେଞ୍ଚୁରିଆନର ଅଧ୍ୟକ୍ଷଙ୍କ ସହ ୨୦୦ଛାତ୍ରୀଛାତ୍ର ଏବଂ ଶିକ୍ଷକ ସାମିଲ ହୋଇ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

■ ଶିଶୁ ବାଟିକାର 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

# ଶିଶୁ ବିକାଶରେ ମାତାପିତାଙ୍କ ଭୂମିକା ଯଥେଷ୍ଟ



ଶିଶୁ ବାଟିକା ବିଭାଗର ପିଲାମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି।

ଗୁଣପୁର,୨୭।୪(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁବାଟିକା ବିଭାଗର ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୂର୍ବତନ ଶିଶୁ ବାଟିକା ବିଭାଗ ପ୍ରମୁଖ ତଥା ଶିକ୍ଷକ ବସନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଶିଶୁ ବିକାଶର ମାନଦଣ୍ଡ, ଶିଶୁ ବାଟିକାର ବ୍ୟବସ୍ଥା ଓ ହିନ୍ଦୁ ଘରର ସଂକଳନ ଉପରେ ଆଲୋକପାତ କରିଥିଲେ। ଶିଶୁ ବିକାଶରେ ମାତା ପିତାଙ୍କ ଭୂମିକା ଯଥେଷ୍ଟ ବୋଲି ସେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟା ରଶ୍ମିତା ଚୌଧୁରୀ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଘୁଙ୍ଗୁଡୁରାମ ପାତ୍ର ଧନ୍ୟବାଦ ଦେଇଥିଲେ। ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ସଂଯୁକ୍ତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଦିଲ୍ଲୀପ ପଣ୍ଡା, ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଶିଶୁବାଟିକାର ପିଲାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ 'ମଣ୍ଡାଖିଆ ଅସୁର' ନାଟକ ପରିବେଷଣ କରାଯାଇଥିଲା।

# ପେଟ୍ରୋଲ ପମ୍ପରେ ନାହିଁ ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା

ଟିକିରି, ୨୭।୪ (ଡି.ଏନ୍.ଏ.)

ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ଶୌଚାଳୟ ଓ ପିଇବା ପାଣି ବ୍ୟବସ୍ଥା ଏବେ ବାଧ୍ୟତାମୂଳକ। କିନ୍ତୁ ରାୟଗଡ଼ା ଜିଲା କାଶୀପୁର ବ୍ଲକର ଅଧିକାଂଶ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ଏଭଳି ସୁବିଧା ମିଳୁନି। ବ୍ଲକର ତୋଟାଗୁଡା ଛକଠାରୁ ଉତ୍କଳ ଆଲୁମିନା ଅଭିମୁଖେ ଯାଇଥିବା ଟିକିରି ମୁଖ୍ୟ ରାସ୍ତା ବିଭିନ୍ନ ସ୍ଥାନରେ ୫ଟି ପେଟ୍ରୋଲ ପମ୍ପ ରହିଛି। କିନ୍ତୁ ଏହା ମଧ୍ୟରୁ ମାତ୍ର ଦୁଇଟି ପେଟ୍ରୋଲ ପମ୍ପରେ ପିଇବା ପାଣିର ସୁବିଧା ରହିଛି। ଅନ୍ୟ ତିନୋଟିରେ ପିଇବା ପାଣି ଏହି ସୁବିଧା ଉପଲବ୍ଧ ନାହିଁ। ଏହାଛଡ଼ା ତୋଟାଗୁଡା ଛକ ଏବଂ ହାଟପଦା ନିକଟସ୍ଥ ପେଟ୍ରୋଲ ପମ୍ପରେ ମଧ୍ୟ ଗ୍ରାହକଙ୍କ ପାଇଁ ଏ ସବୁ ସୁବିଧା ନାହିଁ। ଏହାଛଡ଼ା ପେଟ୍ରୋଲ ପମ୍ପ କାର୍ଯ୍ୟାଳୟ ଆଗରେ ଲାଇସେନ୍ସ ନମ୍ବର, ଅଗ୍ନିଶମ ବିଭାଗ, ଡାକ୍ତରଖାନା ଓ ସ୍ଥାନୀୟ ପୋଲିସର ଟେଲିଫୋନ ନମ୍ବର ସହ ଗ୍ରାହକଙ୍କ ଅଭିଯୋଗ ପ୍ରସ୍ତାବ ଗ୍ରହଣ ନିମନ୍ତେ ଅଭିଯୋଗ ବାକ୍ସ ରଖାଯିବାର ବ୍ୟବସ୍ଥା ମଧ୍ୟ କିଛି ସ୍ଥାନରେ ପାଳନ କରାଯାଉ ନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଭୁବନେଶ୍ୱରରେ ଗୁଣପୁର କଳାକାରଙ୍କ ସଙ୍ଗୀତ ପରିବେଷଣ

ଗୁଣପୁର,୨୭।୪(ଡି.ଏନ୍.ଏ.):

ଭୁବନେଶ୍ୱରରେ ଚାଲିଥିବା ଓଡିଶା ସଙ୍ଗୀତ ମହୋତ୍ସବ -୨୦୧୯ରେ ଗୁଣପୁର କଳାକାରମାନେ ଭାଗ ନେଇଥିଲେ। ଏଥିରେ ରାୟଗଡା ଜିଲା ଗୁଣପୁରର କଳାକାରମାନେ ରାଗ ସଙ୍ଗୀତ ଶିକ୍ଷା କରିଛନ୍ତି। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଗୁଣପୁରର ଉତ୍କଳ ସଙ୍ଗୀତ ପରିଷଦ ଶିକ୍ଷାର୍ଥୀମାନେ ଗୁରୁ ବିଜୟଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଗ ସଂଗୀତ ପରିବେଷଣ କରିଥିଲେ। ପ୍ରତିଭା କୁମାରୀ ରଥ, ସାକ୍ଷୀ ପଟ୍ଟନାୟକ, ଖୁସି ପଟ୍ଟନାୟକ, ନିବେଦିତା ରଥ, ରାଧାରାଣୀ ଆଚାର୍ଯ୍ୟ, ଏମ୍.କୁସୁମଶ୍ରୀ, ସମୀକ୍ଷାସାମନ୍ତ, ଜ୍ଞାନ ମଞ୍ଜରୀ ମାଳୀ ଏବଂ ବଂଶୀଧର ମହାପାତ୍ର ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ଶିକ୍ଷକ ଏମ.କେଶବ ରାଓ ଏଥିରେ ସହଯୋଗ କରିଥିଲେ।



ଶିକ୍ଷାର୍ଥୀମାନେ ମାନପତ୍ର ଗ୍ରହଣ କରୁଛନ୍ତି।

■ ଖରାରେ ସିଝୁଛି ମୁନିଗୁଡ଼ା

# ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ମୁନିଗୁଡ଼ା,୨୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ାରେ ଦିନକୁ ଦିନ ଖରା ପ୍ରକୋପ ବଢିବାରେ ଲାଗିଛି। ଏହା ପ୍ରଭାବରେ ସକାଳ ୧୦ଟାରୁ ରାସ୍ତାଘାଟ ଶୂନ୍‌ଶାନ ହୋଇ ପଡୁଛି। ବର୍ତ୍ତମାନ ମୁନିଗୁଡ଼ା ତାପମାତ୍ରା ୪୦ରୁ ୪୨ଡିଗ୍ରୀ ରହୁଛି। ସହରର ବିଭିନ୍ନ ମୃଦୁ ପାନୀୟ ଦୋକାନ, ଛତା ଚଷମା ଆଦି ଦୋକାନରେ ଭିଡ଼ ପରିଲକ୍ଷିତ ହେଉଛି। ମୁନିଗୁଡା ଏକ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବାରୁ ଏହା ଉପରେ ମୁନିଗୁଡ଼ାର ୧୭ ପଞ୍ଚାୟତର ଛୋଟ ଛୋଟ ବ୍ୟବସାୟୀଙ୍କ ସମେତ ପଡୋଶୀ ବିଷମକଟକ, ଅମ୍ବାଦଳା, ଚନ୍ଦ୍ରପୁର, କଳାହାଣ୍ଡି ଓ କନ୍ଧମାଳର ବ୍ୟବସାୟୀମାନେ ଆସିଥାନ୍ତି। ତେବେ ମୁନିଗୁଡ଼ାର ଗୋବର୍ଦ୍ଧନ ଛକଠାରୁ ଆରମ୍ଭ କରି ନ୍ୟୁ ହୋପ୍ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଆଶ୍ରୟସ୍ଥଳି ନ ଥିବାରୁ ଲୋକେ ବାଧ୍ୟ ହୋଇ ଗଛ ଛାଇ ତଳେ ଆଶ୍ରୟ ନେଉଛନ୍ତି। ତେବେ ମୁନିଗୁଡ଼ା ଭଳି ଏକ ବ୍ୟବସାୟ ପେଣ୍ଠସ୍ଥଳୀ ସହରରେ ସରକାରଙ୍କ ତରଫରୁ ଆଶ୍ରୟସ୍ଥଳୀ ନ ଥିବା ନେଇ ଜନସାଧାରଣ ଓ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୋଷ ମେଣ୍ଟାଇବା ପାଇଁ କେତେକ ସ୍ଥାନରେ ପଞ୍ଚାୟତ ତରଫରୁ ଜଳଛତ୍ର ଖୋଲାଯାଇଛି। ଅନ୍ୟପଟେ ଖରା ପ୍ରକୋପରେ ଅଂଶୁଘାତକୁ ମୁକାବିଲା କରିବା ପାଇଁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ବ୍ୟବସ୍ଥା କରାଯିବା ସହ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରଣ ଅଂଶୁଘାତ କକ୍ଷ ସହ ଓଆରଏସ୍ ପାଣି ଯୋଗାଇ ଦିଆଯାଇଛି। ଏଥିସହ ପ୍ରତି ଏଏନ୍‌ଏମ୍ ସେଣ୍ଟରଗୁଡିକରେ ମଧ୍ୟ ଓଆରଏସ୍ ଯୋଗାଇ ଦିଆଯାଉଥିବା ସହ ଜନସାଧାରଣଙ୍କୁ ସଚେତନତା କରାଯାଉଛି ବୋଲି ମୁନିଗୁଡା ମେଡିକାଲ ଅଫିସର ଡ. ସଞ୍ଜୟ କୁମାର ପ୍ରକାଶ କରିଛନ୍ତି। ଯଦି ଆଗାମୀ ଦିନଗୁଡିକରେ ବୃକ୍ଷରୋପଣ, ଜଙ୍ଗଲର ସୁରକ୍ଷା ପ୍ରତି ଧ୍ୟାନ ଦିଆ ନ ଯାଏ, ତାହାହେଲେ ଏହା ଉଗ୍ରରୂପ ଧାରଣ କରିବ ବୋଲି ଜିଲା ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ପରିବେଶବିତ୍ ଅଶ୍ୱିନୀ ବାରିକ, ବୁଦ୍ଧିଜୀବୀ ପି. ସୁଧାକର ପାତ୍ର ପ୍ରମୁଖ କହିଛନ୍ତି।



ଖରାରେ ଜନଶୂନ୍ୟ ହୋଇପଡିଥିବା ମୁନିଗୁଡ଼ା ସହର।



## ସଂକ୍ଷେପରେ

### ଛାତ୍ରୀଙ୍କୁ ଅପହରଣ ଘଟଣାରେ ଜଣେ ଗିରଫ

**କୋରାପୁଟ,୨୭।୪(ସ୍ୱ.ପ୍ର):** କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥିସହ ଛାତ୍ରୀଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କୋରାପୁଟ ସଦର ଥାନା ଅନ୍ତର୍ଗତ ହିରାଡିପୁଟ ଗ୍ରାମର ମହନ୍ତ ବାଘ । ନନ୍ଦପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗତ ମାର୍ଚ୍ଚ ୪ ତାରିଖରେ ମହନ୍ତ ଅପହରଣ କରି ନେଇଥିଲେ । ଏ ନେଇ ଛାତ୍ରୀଙ୍କ ପରିବାର ଲୋକେ ନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା( ନଂ ୧୧/୧୯ ) ରୁଜୁ କରି ତଦନ୍ତ ଚଳାଇଥିଲା । ହିରାଡିପୁଟ ଗ୍ରାମରେ ଛାତ୍ରୀ ଜଣକ ଥିବା ନେଇ ନନ୍ଦପୁର ପୋଲିସ ଖବର ପାଇଥିଲା । ପରେ ପୋଲିସ ଉକ୍ତ ଗାଁରେ ଚଢାଉ କରି ମହନ୍ତଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା ବୋଲି ଥାନା ଅଧିକାରୀ କିଶୋର ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି ।

### ପୌରସଂସ୍ଥା ପକ୍ଷରୁ ୯ ସ୍ଥାନରେ ପାଣିଟାଙ୍କି ସ୍ଥାପନ

**ଜୟପୁର,୨୭।୪(ଡି.ଏନ.ଏ):** ଜୟପୁରରେ ପ୍ରବଳ ଖରା ସତ୍ତ୍ୱେ ଜଳଛତ୍ର ଖୋଲାଯାଇନାହିଁ । ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ପୌରସଂସ୍ଥା ପକ୍ଷରୁ ଯେଉଁ ସ୍ଥାନରେ ଜଳଛତ୍ର ନେଇ ଜାଗା ଚିହ୍ନଟ ହୋଇଥିଲା, ଉକ୍ତ ୯ଟି ସ୍ଥାନରେ ସ୍ଥାୟୀ ଭାବେ ୫୦୦ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ସ୍ଥାପନ କରାଯାଇଛି । ଏହି ପାଣିଟାଙ୍କିକୁ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଜଳ ଯୋଗାଣ ସହିତ ସଂଯୋଗ କରାଯିବ। ସେହିପରି ପାଣି ଟାଙ୍କି ଉପରେ ଟିଣର ଏକ ଛାତ ନିର୍ମାଣ କରାଯିବ । କିନ୍ତୁ ଜରୁରିକାଳୀନ ସ୍ଥାପନ ଯୋଗୁଁ ବାଉଁଶରେ ନିର୍ମିତ ତାଡ ଛପରର ବ୍ୟବସ୍ଥା କରାଯିବ ବୋଲି ପୌରସଂସ୍ଥା ପକ୍ଷରୁ ଜଣାଯାଇଛି। ଏହିପରି ପାଣିଟାଙ୍କି ସ୍ଥାପନା ନିମନ୍ତେ ୧ ଲକ୍ଷ ୫ହଜାର ଟଙ୍କା ଲେଖାଏଁ ଅଟକଳ କରାଯାଇଛି । ସହରର ପୌରସଂସ୍ଥା କାର୍ଯ୍ୟାଳୟ, ଗ୍ଲୋକାଲ ଚିକିତ୍ସାଳୟ, ପଞ୍ଚାନନ ମନ୍ଦିର, ଖ୍ରୀଷ୍ଟିଆନ ସାହି, ଶ୍ରୀକ୍ରିଷ୍ଣ ଟକିଜ, ଦଶହରା ପଡିଆ, ରଥପଡିଆ, ଜୟନଗର ଏବଂ ଇନ୍ଦିରା ଛକଠାରେ ସ୍ଥାପନ କରାଯିବ । ଶନିବାର ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ପିଇବା ପାଣିର ବ୍ୟବସ୍ଥା ଶୁଭାରମ୍ଭ କରାଯାଇଛି ।

### ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

**ଜୟପୁର,୨୭।୪(ଡି.ଏନ.ଏ) :** କୋରାପୁଟ ଜିଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଜୟପୁରଠାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ଲେବର କଲୋନୀ ଛକଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ସେହିପରି ଉତ୍କଳ ପ୍ରଦେଶ ଗଠନ ସମୟରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ଜୟପୁର ମହାରାଜା ବିକ୍ରମଦେବ ବର୍ମା ଭଳି ରାଜପରିବାର ଲୋକଙ୍କୁ ଏକଜୁଟ କରିବାରେ ସେ ସମର୍ଥ ହୋଇପାରିଥିଲେ ବୋଲି ଅତିଥିମାନେ କହିଥିଲେ । ଏହି ଉତ୍ସବରେ ସମ୍ମିଳନୀର କେନ୍ଦ୍ରୀୟ କମିଟି ଉପସଭାପତି ବିନୋଦ ମହାପାତ୍ର, ଜଗଦୀଶଚନ୍ଦ୍ର ସାହୁ, ମଦନମୋହନ ନାୟକ, ଦୁର୍ଗା ମାଧବ ଶତପଥୀ, ହରିହର କରସୁଧା ପଟ୍ଟନାୟକ, ନବୀନ ମାଦଳା, ପ୍ରଫୁଲ୍ଲ ଦାଶ, ପ୍ରକାଶ ମହାନ୍ତି, ରାଜେନ୍ଦ୍ର ଗୌଡ, ପରମେଶ୍ୱର ପାତ୍ର, ସୀମାଞ୍ଚଳ ଯାଦବ, ମନୋଜ ସାହୁ, ଚନ୍ଦନ ନାୟକ, ରାଜକୁମାର ସାହୁ, ମୀନକେତନ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ ।

### ତରୁଣ ଆଚାର୍ଯ୍ୟଙ୍କୁ ହତ୍ୟା ମାମଲା
### ମେ ୪ରେ ପରବର୍ତ୍ତୀ ଶୁଣାଣି

**ଛତ୍ରପୁର,୨୭।୪(ଡି.ଏନ.ଏ):** ଖଲ୍ଲିକୋଟରେ ଖବରଦାତା ତରୁଣ ଆଚାର୍ଯ୍ୟଙ୍କୁ ହତ୍ୟା ମାମଲାର ଶୁଣାଣି ଶୁକ୍ରବାର ଖଲ୍ଲିକୋଟ ଏଡିଜେ କୋର୍ଟରେ ହେବାର ଥିଲା। ମାତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ପେଶାଲ ପିପିଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ କାରଣରୁ ସେ ଅନୁପସ୍ଥିତ ରହିବା ଏବଂ ତତ୍କାଳୀନ ତଦନ୍ତକାରୀ ଅଫିସର ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସରକାରଙ୍କ ପକ୍ଷରୁ କୋର୍ଟରେ ଟାଇମ୍ ପିଟିଶନ ଦାଖଲ କରାଯାଇଥିଲା । ତେଣୁ ପରବର୍ତ୍ତୀ ଶୁଣାଣି ଖଲ୍ଲିକୋଟ ଏଡିଜେଙ୍କ କୋର୍ଟରେ ମେ ୪ ତାରିଖରେ କରାଯିବାକୁ ଧାର୍ଯ୍ୟ ହୋଇଛି।

### ■ ପାନୀୟ ଜଳ ସଙ୍କଟ ନେଇ ସମୀକ୍ଷା ବୈଠକ
# ତୁରନ୍ତ ସମସ୍ୟା ଦୂରକରିବାକୁ ନିର୍ଦ୍ଦେଶ

**କୋରାପୁଟ,୨୭।୪(ସ୍ୱ.ପ୍ର)**

କୋରାପୁଟ ଜିଲାରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ । ଚଳିତ ଖରା ଋତୁ ଆରମ୍ଭ ହୋଇଯାଇଥିବାରୁ ସହର ସହ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି । ଏହି ସମସ୍ୟାକୁ ଦୂର କରିବା ପାଇଁ ବିଭାଗୀୟ ଅଧିକାରୀମାନେ ତୁରନ୍ତ ଦୃଷ୍ଟି ଦେବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲାର ସମସ୍ତ ବସଷ୍ଟାଣ୍ଡରେ ଥଣ୍ଡାଜଳ ଯୋଗାଇ ଦେବା ପାଇଁ ପାଇଁ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସହରାଞ୍ଚଳଗୁଡିକରେ ମୃଦୁ ପାନୀୟ, ଲସି ଓ ଫଳରସ ଦୋକାନଗୁଡିକ ମନଇଚ୍ଛା ଖୋଲାଯାଇଥିବାରୁ ଏଥିରେ ବ୍ୟବହାର ହେଉଥିବା ବରଫର ନମୁନା ସଂଗ୍ରହ କରି ପରୀକ୍ଷା କରିବା, ଜିଲାରେ ଥିବା ଗର୍ଭବତୀ ମହିଳା, ବୃଦ୍ଧାବୃଦ୍ଧଙ୍କୁ ଆଶାକର୍ମୀଙ୍କ ଦ୍ୱାରା ଓଆରଏସ ପ୍ୟାକେଟ ଯୋଗାଇ ଦେବା ପାଇଁ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସେହିଭଳି ଜିଲାର ବିଭିନ୍ନ ସ୍ଥାନରେ ଥିବା ପାନୀୟ ଜଳ ପ୍ରକଳ୍ପକୁ ୨୪ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ କରିବା ପାଇଁ ସାଉଥ୍କୋର ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ୍ ଅଖତର, ଡୁଡୁ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜନ ସ୍ୱାସ୍ଥ୍ୟ ବିଭାଗ ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସାଉଥ୍କୋର ନିର୍ବାହୀଯନ୍ତ୍ରୀଙ୍କ ସହ ସମସ୍ତ ବ୍ଲକର ଜଳ ଯୋଗାଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିମ୍ନମାନର କାମ ଯୋଗୁ ଭାଙ୍ଗିଲା ଗାର୍ଡୱାଲ


ଭାଙ୍ଗି ଯାଇଥିବା ଗାର୍ଡୱାଲ ।

**କୋଟପାଡ଼,୨୭।୪(ଡି.ଏନ୍.ଏ.)**

କୋରାପୁଟ ଜିଲା କୋଟପାଡ଼ଠାରୁ ଚିର୍ମାନଦୀ ଘାଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଛି । ହେଲେ ବାସୁଲିଠାରୁ ଇନ୍ଦ୍ରାବତୀ ନଦୀ କଡ଼ ରାସ୍ତା ଗୁମୁଡା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ନଦୀ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗ ନିଷ୍ପତ୍ତି ନେଇ ଗତ ଏକ ବର୍ଷ ହେବ ଏହି କାମ ଆରମ୍ଭ କରିଛି । କିନ୍ତୁ ନିମ୍ନମାନର କାମ ଯୋଗୁ ଗାର୍ଡୱାଲ ଭାଙ୍ଗିଯାଇଛି । ଏଥିନିମନ୍ତେ ୭୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରାଯାଇଛି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହା ଭାଙ୍ଗିଯାଇଥିବା ଗୁମୁଡା ସରପଞ୍ଚ ସାମନ୍ତ ନାୟକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଉକ୍ତ ଗାର୍ଡୱାଲ ମଧ୍ୟରୁ ୪୦ ମିଟର ଭଙ୍ଗାଯାଇଛି । ଉକ୍ତ ଗାର୍ଡୱାଲ ୪୦୦ ମିଟର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ୨ବର୍ଷ ହେବ ଉକ୍ତ କାମ ସରୁନାହିଁ । ଏ ନେଇ ବିଭାଗୀୟ ଜେଇ କେଦାର ଦାସଙ୍କୁ ପଚାରିବାରୁ, ମୋରମ ଅଧିକ ପଡ଼ିବାରୁ ୱାଲ ଭାଙ୍ଗିଯାଇଛି । ତାହା ତଦନ୍ତ କରି ପୁଣିଥରେ ନିର୍ମାଣ କରାଯିବ ବୋଲି କହିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ପ୍ରଦୀପ ତ୍ରିପାଠୀଙ୍କୁ ପଚାରିବାରୁ, ଗାର୍ଡୱାଲ ଭାଙ୍ଗିବା ଖବର ପାଇଛୁ, ତାହା ତୁରନ୍ତ ତଦନ୍ତ କରି ଖୁବ୍ ଶୀଘ୍ର ନିର୍ମାଣ କରାଯିବ ବୋଲି କହିଛନ୍ତି ।

### ଟ୍ରାକ୍ଟର ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ପୋଲସରା,୨୭।୪(ଡି.ଏନ.ଏ.)**

ପୋଲସରା ଥାନା କଳମ୍ବ ଗ୍ରାମ ମନ୍ଦିର ସାହିରେ ଶୁକ୍ରବାର ରାତିରେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ହାତୀଓଟ ଗ୍ରାମର ବଳରାମ ନାୟକ। ଆହତ କଂଗ୍ରେସ ସାହୁଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ହାତୀଓଟରେ ଏକ ବିବାହ ପରେ କନ୍ୟାର ସମସ୍ତ ଜିନିଷ ଟ୍ରାକ୍ଟର ଯୋଗେ କଳମ୍ବ ମନ୍ଦିର ସାହିକୁ ଆସିଥିଲା । ବର ଘରେ ଜିନିଷ କାଢ଼ି ଟ୍ରାକ୍ଟରଟି ପୋଖରୀ ହିଡରେ ଛିଡା ହୋଇଥିଲା। ଭୋଜି ଚାଲିଥିବାରୁ ଲୋକ ଗହଳି ଥିଲା । ଏହି ସମୟରେ ଜଣେ ଯୁବକ ଟ୍ରାକ୍ଟର ଷ୍ଟାର୍ଟ କରି ପଛକୁ ଗଡାଉଥଲେ । ତେବେ ସେ ନିୟନ୍ତ୍ରଣ ହରାଇବାରୁ ଟ୍ରାକ୍ଟର ଧକ୍କାରେ ବଳାରାମ ଓ କଂଗ୍ରେସ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ଆମ୍ବୁଲାନ୍ସରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲେ ମଧ ବଳରାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଧିକ ଚିକିତ୍ସା ପାଇଁ କଂଗ୍ରେସଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ପୋଲିସ ମୃତହେଦ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି । ଏ ନେଇ ଜୟରାମ ନାୟକ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ନଂ.୯୭/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ପୋଲସରା,୨୭।୪(ଡି.ଏନ.ଏ.)**

ପୋଲସରା ଥାନା ନିକଟ ଷଣ୍ଢ ସାହିରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ସାହିର ସନ୍ଦୀପ ରଥ (୩୫)। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ପହଞ୍ଚି ଛାନଭିନ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ସିଗାରେଟ ଖଣ୍ଡ, କୌଣସି ତରଳ ପଦାର୍ଥ ଲାଗିଥିବା ଏକ ଗ୍ଲାସ, ଖଣ୍ଡିଏ ଦାନ୍ତ ଓ କିଛି ରକ୍ତ ନମୂନା ସଂଗ୍ରହ କରାଯାଇଛି।

## ଜୟପୁର ସହରରେ ତାପମାତ୍ରା ୪୦ ଡିଗ୍ରୀ ଟପିଲା

**ଜୟପୁର,୨୭।୪(ଡି.ଏନ.ଏ)**


ଗ୍ରାମବାସୀ ଗଛ ଛାଇରେ ଆଶ୍ରୟ ନେଇଛନ୍ତି ।

କୋରାପୁଟ ଜିଲାର ଜୟପୁର ସହରରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି । ଏହିପରି ୪ଦିନରେ ଦୈନିକ ତାପମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି । ଶନିବାର ଜୟପୁର ସହରର ତାପମାତ୍ରା ୪୦.୫ ଡିଗ୍ରୀ ରହିଛି । ସେହିପରି ବୁଧବାର ୩୯, ଗୁରବାର ୩୯.୫, ଶୁକ୍ରବାର ୪୦ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ସହରରେ ଥିବା ଲସି, ଆଖୁରସ, ପଇଡ ଏବଂ ଥଣ୍ଡା ପାନୀୟର ଚାହିଦା ବୃଦ୍ଧି ପାଇଛି । ସେହିପରି ଗ୍ରାମାଞ୍ଚଳରେ ମଧ୍ୟ ଲୋକେ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ପ୍ରବଳ ଗରମ ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀ ଆମ୍ବତୋଟା ଏବଂ ଗଛ ଛାଇରେ ଛୁଆଙ୍କୁ ନେଇ ବିଶ୍ରାମ ନେଉଛନ୍ତି । ପୂର୍ବାହ୍ନ ୧୦ ଟା ହୋଇଗଲେ ଗ୍ରାମ ଶୂନଶାନ ହୋଇଯାଉଛି । ଲୋକମାନେ ଚାଷ ଏବଂ ଜମିବାଡିରେ ଭୋରକୁ ପୂର୍ବାହ୍ନ ୯ ଘଟିକା ଏବଂ ଅପରାହ୍ନ ସାଢେ ୪ ଘଟିକା ପରେ କାର୍ଯ୍ୟ କରୁଛନ୍ତି । ପ୍ରବଳ ଖରା ଓ ଅସହ୍ୟ ଗରମ ଯୋଗୁଁ ଦିନରେ ଆଖପାଖ ଗ୍ରାମାଞ୍ଚଳର ବାସିନ୍ଦା ଜୟପୁର ସହରକୁ ଆସୁ ନ ଥିବା ପ୍ରକାଶ କରିଛନ୍ତି।


କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

## ବିଏସ୍ଏନ୍ଏଲ୍ ଅସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଜୟପୁର,୨୭।୪(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ଉପଖଣ୍ଡରେ କାର୍ଯ୍ୟରତ ସମସ୍ତ ବିଏସ୍ଏନ୍ଏଲ୍ର ଅସ୍ଥାୟୀ କର୍ମଚାରୀମାନେ ଗତ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଫଳରେ ଲମତାପୁଟ, କୁନ୍ଦୁରା, ବୈପାରୀଗୁଡା, ବୋରିଗୁମ୍ମା, କୋଟପାଡ, ଦିଗାପୁର ପ୍ରଭୃତି ଛୋଟ ଏକ୍ସଚେଞ୍ଜରେ କର୍ମଚାରୀ ନ ଥିବା ଯୋଗୁଁ ସମସ୍ୟା ଦେଖାଦେଇଛି। ଜୟପୁର ଉପଖଣ୍ଡରେ କାର୍ଯ୍ୟରତ ୫୪ ଅସ୍ଥାୟୀ କର୍ମଚାରୀ ଆନ୍ଦୋଳନ କରିବା ସହିତ ଜୟପୁରସ୍ଥିତ ତିନୋଟି ଏସଡିଓଙ୍କ କାର୍ଯ୍ୟାଳୟ ଏବଂ ଏକ୍ସଚେଞ୍ଜ ବାରଣ୍ଡାରେ ଶାନ୍ତି ପୂର୍ବକ ଧାରଣା ଦେଉଛନ୍ତି । ସେମାନଙ୍କୁ ଗତ ଡିସେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ୫ ମାସର ବକେୟା ଦରମା ପ୍ରଦାନ କରାଯାଇ ନାହିଁ । ତଥାପି ସେମାନେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦିତ କରିଥିଲେ। କିନ୍ତୁ କର୍ମଚାରୀମାନେ ଆର୍ଥିକ ସଙ୍କଟରେ ରହିଥିବା ଯୋଗୁଁ ଦରମା ଦାବିନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ । ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟହୋଇ କର୍ମଚାରୀମାନେ ଏହି ଆନ୍ଦୋଳନ ଚଳାଇଛନ୍ତି । ପ୍ରକାଶ ଯେ, କୋରାପୁଟ ଟେଲିକମ ଡିଭିଜନରେ ମୋଟ ୨୫୦ ଜଣ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟରତ ରହିଛନ୍ତି । ଏହି ଧାରଣାରେ ସଂଯୋଜକ ସୁରେନ୍ଦ୍ର ଗୌଡ, ସଭାପତି ବିଜୟ ପାତ୍ର, ସୁଖଦେବ ଖିଲ, ଜିତେନ୍ଦ୍ର ରାଉତରାୟ, ବି. ବରାହଲୁ ଯୋଗ ଦେଇଛନ୍ତି ।

### ■ ବିଲ୍ଟ ପେପର ମିଲ୍ ଅଚଳାବସ୍ଥା
## ଜିଲାପାଳଙ୍କୁ ଭେଟିଲେ ସଂଘ କର୍ମକର୍ତ୍ତା

**ଜୟପୁର ୨୭।୪ (ନି.ପ୍ର)**

ଜୟପୁରସ୍ଥିତ ବିଲ୍ଟ ପେପର ମିଲର ଅଚଳାବସ୍ଥା ଦୂର କରିବା, କର୍ମଚାରୀଙ୍କ ଦରମା ପ୍ରଦାନ ଦାବି ନେଇ ଶନିବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଛନ୍ତି ବିଲ୍ଟର ସଂଘ କର୍ମକର୍ତ୍ତା । ଜିଲାପାଳ ଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିବା ସହ ଆଗାମୀ ୨/୩ ଦିନ ଭିତରେ ମ୍ୟାନେଜମେଣ୍ଟ ସହ ଯୋଗାଯୋଗ କରି ବୈଠକ କରିବାକୁ କହିଛନ୍ତି । ଏ ବାବଦରେ ଜିଲା ଶ୍ରମ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିବେ । କର୍ମଚାରୀଙ୍କ ପରିବାର ଲୋକ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ବାହାରୁଛନ୍ତି । ଆତ୍ମହତ୍ୟା କରିବାକୁ ମଧ୍ୟ ଧମକ ଦେଉଛନ୍ତି । ଏହି ଘଟଣାକୁ ସଂଘ ବୁଝାଶୁଝା କରି ରଖିଛି। ତେଣୁ ୟୁନିୟନ ତରଫରୁ ନିବେଦନ କରାଯାଇଛି ଯେ ଜିଲାପାଳ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ। ୫।୧୦।୧୮ ତାରିଖରେ ମିଳିତ କମିଟି ବୈଠକରେ ଜନପ୍ରତିନିଧି, ୪ଟି ୟୁନିୟନ ସଦସ୍ୟ, ପ୍ରଶାସନ, ମିଲ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ । ମିଲ ସ୍ୱାର୍ଥକୁ ଦୃଷ୍ଟିରେ ରଖି କିଛି ସର୍ତ୍ତ ରଖାଯାଇଥିଲା। ମିଲର କର୍ମଚାରୀ, ମିଲ କର୍ତ୍ତୃପକ୍ଷଙ୍କ ସହମତି ପରେ ବନ୍ଦ ହୋଇ ପଡିଥିବା ମିଲ ୨୯।୧୦।୧୮ରେ ପୁନଃ ଚାଲିଥିଲା। ସେହି ଦିନଠାରୁ ମିଲ ସୁରୁଖୁରୁରେ ଚାଲିଥିଲା । କୌଣସି କର୍ମଚାରୀ କି ଠିକା କର୍ମଚାରୀ ମିଲ ପ୍ରତି ଅସହଯୋଗ ତଥା ବିଶୃଙ୍ଖଳା କରି ନ ଥିବା ପ୍ରକାଶ କରିଛି ସଂଘ । ଗତ ୨୦ ତାରିଖରୁ ପ୍ଲାଣ୍ଟରେ ଉତ୍ପାଦନ ବନ୍ଦ ଅଛି । କାରଣ ନ ଦର୍ଶାଇ ମ୍ୟାନେଜମେଣ୍ଟ ନିଜେ ବନ୍ଦ କରିଛି । କଞ୍ଚାମାଲ ଆଣିବା ବନ୍ଦ କରିଛି । ଦରମା ନ ପାଇ ମଧ୍ୟ କର୍ମଚାରୀମାନେ ଶୃଙ୍ଖଳା ବଜାୟ ରଖିଛନ୍ତି । କାଳେ କାରଖାନା ପୁଣି ବନ୍ଦ ହେବା ଆଶଙ୍କା ସୃଷ୍ଟି କରିଥିବାରୁ ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ । କାରଖାନା ଚଳାଇବା ନିମନ୍ତେ ଶ୍ରମିକମାନେ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି । କାମ କଲା ପରେ ମାସକୁ ମାସ ଦରମା ଦେବାକୁ ମ୍ୟାନେଜମେଣ୍ଟ ଚୁକ୍ତି କରିଥିଲେ ମଧ୍ୟ ଦରମା ଦିଆଯାଉ ନାହିଁ । ଷ୍ଟାଚ୍ୟୁଟାରି ପେମେଣ୍ଟ ଇ.ଏସ୍.ଆଇ, ପି.ଏଫ ମଧ୍ୟ ଜମା କରାଯାଉ ନାହିଁ । ବୋନସ୍, ମେଡିକାଲ ଆଲାଉନ୍ସ ଦେଉ ନାହିଁ । ଏ ସବୁ ବାଦେ ମାସିକ ଦରମା ନ ଦେଲେ ପରିବାର କେମିତି ବଞ୍ଚାଇବୁ ବୋଲି ଶ୍ରମିକ ପ୍ରତିନିଧି ଜିଲାପାଳଙ୍କୁ ଗୁହାରି କରିଛନ୍ତି । ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା, ବିଦ୍ୟା ଜେନା ମଣି, ସୁଦର୍ଶନ ବିଷୋୟୀ, ଭୀମା ରାଓ, ରବି କୁମାର, ପ୍ରଦୀପ ପାଞ୍ଜୀଆ, ସନ୍ଦୀପ ପଟ୍ଟନାୟକ, ଆନନ୍ଦ ପଟ୍ଟନାୟକ, ଏସ.କେ ଚୋହାନ, ଏମ. ମୋହନ, ଶରତ ସ୍ୱାଇଁ, ରବି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ■ କୋରାପୁଟ ଜିଲାର ୧୪ ତହସିଲ
## ୬୫ କୋଟି ୯୩ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ

**କୋରାପୁଟ,୨୭।୪(ସ୍ୱ.ପ୍ର)**

କୋରାପୁଟ ଜିଲାର ସମସ୍ତ ୧୪ ଗୋଟି ତହସିଲରୁ ୨୦୧୮-୧୯ ଆର୍ଥିକ ବର୍ଷରେ ମୋଟ ୬୫ କୋଟି ୯୩ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ଖଜଣା, ରୟାଲିଟି ଓ ଜଳକର ବାବଦରେ ଏହି ଆର୍ଥିକ ବର୍ଷରେ ୩୨ କୋଟି ୯୭ ଲକ୍ଷ ୧୨୪୮ ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ରଖାଯାଇଥିଲା । ଜିଲା ରାଜସ୍ୱ ଅଧିକାରୀ ଦୀପ୍ତିମୟୀ ପ୍ରଧାନ ଏହି ସୂଚନା ଦେଇଛନ୍ତି । ଜିଲାର ନନ୍ଦପୁର ତହସିଲକୁ ଏହି ବର୍ଷରେ ୧ କୋଟି ୨୮ ଲକ୍ଷ ୩୯ ହଜାର ୫୬୩ ଟଙ୍କା ରାଜସ୍ୱ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବାବେଳେ ୫ କୋଟି ୬୮ ଲକ୍ଷ ୫୮ ହଜାର ୩୪୬ ଟଙ୍କା ଆଦାୟ କରାଯାଇଛି । ଯାହାକି ଲକ୍ଷ୍ୟ ଧାର୍ଯ୍ୟର ୪୪୨ ପ୍ରତିଶତ ଆଦାୟ କରି ଜିଲାର ପ୍ରଥମ ତହସିଲ ଭାବେ ସ୍ଥାନ ପାଇଛି । ସେହିପରି ପଟ୍ଟାଙ୍ଗି ତହସିଲକୁ ୯୩ ଲକ୍ଷ ୮୩ ହଜାର ୫୯୪ ଟଙ୍କା ଲକ୍ଷ୍ୟଧାର୍ଯ୍ୟ ରହିଥିବାବେଳେ ଉପରୋକ୍ତ ଆର୍ଥିକ ବର୍ଷରେ ୨ କୋଟି ୯୬ ଲକ୍ଷ ୩୯ ହଜାର ୩୪୧ ଟଙ୍କା ( ୩୧୫.୮୬ ପ୍ରତିଶତ ) ଆଦାୟ କରି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିପରି କୋରାପୁଟ ତହସିଲକୁ ୩ କୋଟି ୭୭ ଲକ୍ଷ ୯୦ ହଜାର ୫୧ ଟଙ୍କା ଲକ୍ଷ୍ୟ ଦିଆଯାଇଥିବାବେଳେ ୧୧ କୋଟି ୯୨ ଲକ୍ଷ ୧୭୪ ଟଙ୍କା ରାଜସ୍ୱ (୩୧୫ ପ୍ରତିଶତ)ଆଦାୟ କରି ଜିଲାରେ ତୃତୀୟ ତହସିଲ ଭାବେ ମାନ୍ୟତା ପାଇଛି ।

### ବିଦେଶୀ ମଦ ଜବତ, ଜଣେ ଗିରଫ

**ହିଞ୍ଜିଳିକାଟୁ, ୨୭।୪(ଡି.ଏନ୍.ଏ.)**

ହିଞ୍ଜିଳି ପୋଲିସ ଶନିବାର ହିଞ୍ଜିଳିକାଟୁ ତାରାତାରିଣୀ ରୋଡ଼ରେ ଏକ ମୋପେଡ଼ରେ ବୋଝେଇ ହୋଇଥିବା ୬୩ ଲିଟର ବିଦେଶୀ ମଦ ଓ ମୋପେଡ଼କୁ ଜବତ କରିଛି। ଉକ୍ତ ଅବକାରୀ ସାମଗ୍ରୀ ଧରି ଯାଉଥିବା ଅଭିଯୋଗରେ ହିଞ୍ଜିଳି ଥାନା ଶାସନ ଆମ୍ବଗାଁର ଶିବରାମ ପୋଲାଇଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ନଂ. ୧୧୨/୧୯ ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ଶିବରାମଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଅଭିମନ୍ୟୁ ଦାସଙ୍କଠାରୁ ପ୍ରକାଶ ।

# ପାନୀୟଜଳ ସମସ୍ୟା ନେଇ ଦାବିପତ୍ର

**ଦଶମନ୍ତପୁର, ୨୭।୪(ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ସଦର ପଞ୍ଚାୟତର ମାଛପୁଟ ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ଶନିବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ତୁରନ୍ତ ଦାବି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୩ କିମି ଦୂରରେ ରହିଛି ମାଛପୁଟ ଗ୍ରାମ । ଏହି ଗ୍ରାମରେ ୩୫ ପରିବାର ବସବାସ କରନ୍ତି। ଏଠାରେ ମାତ୍ର ଗୋଟିଏ ନଳକୂପ ଖନନ କରାଯାଇଛି । ଦୀର୍ଘବର୍ଷ ହେଲା ତାହା ଅଚଳ ହୋଇପଡିଛି । ତେଣୁ ବାଧ ହୋଇ ଲୋକେ ନିକଟସ୍ଥ ନଦୀ ବ୍ୟବହାର କରୁଛନ୍ତି । ନଦୀର ଦୂଷିତ ଜଳ ପିଇ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ଗ୍ରାମର ଆମସ ମହାନନ୍ଦିଆ, ନାଜରିତା ଗରଡା, ବାରା ଜାନି, ମଙ୍ଗଳଦାନ ଖୁରା, ପ୍ରଭୁ ଦାନ ଖସ୍ଲା, ମନୋଜ କୁମାର ବାଘ, ମୋଜେସ କୁମାର ବାଘ, ରଞ୍ଜନ ମହାନନ୍ଦିଆଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବାଧ୍ୟହୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଏକ ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି । ଆସନ୍ତା ସୋମବାର ମଧରେ ଯଦିଓ ନଳକୂପର ମରାମତି କିମ୍ବା ନୂତନ ନଳକୂପ ଖନନ କରା ନ ଯାଏ ତେବେ ଆମେ ଗୋରାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ପ୍ରବଳ ଖରା ଯୋଗୁ ଘରୁ ପଦାକୁ ବାହାରିବା କଷ୍ଟକର ହେଉଥିବାବେଳେ ଦେଢକିମି ଦୂରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରୁ ପାଣି ଆଣିବାକୁ ଆମେ ବାଧ୍ୟ ହେଉଛୁ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି । ବିଡିଓ ଡମ୍ବୁରଧର ମଲ୍ଲିକ କନିଷ୍ଠ ଯନ୍ତ୍ରୀମାନଙ୍କୁ ଗାଁକୁ ପଠାଇ ଆସନ୍ତା ସୋମବାର ମଧ୍ୟରେ ବ୍ୟବସ୍ଥା କରିବି ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।


ମହିଳାମାନେ ପାଣି ସଂଗ୍ରହ କରି ଫେରୁଛନ୍ତି ।